



# ଏକକ ୧୫: ଆକଳନର ସାଧନୀ ଓ କୌଶଳ

ସଂରଚନା


୧୫.୦ ଉପକ୍ରମ

୧୫.୧ ଶିକ୍ଷଣ ଉଦ୍ଦେଶ୍ୟ

୧୫.୨ ଉପଲବ୍ଧିର ପ୍ରସ୍ତୁତି ଓ ବ୍ୟବହାର

୧୫.୨.୧ ଶିକ୍ଷକ ପ୍ରସ୍ତୁତି ପରୀକ୍ଷଣ

୧୫.୨.୨ ଏକକ ପରୀକ୍ଷଣ

୧୫.୩ ବିଭିନ୍ନ ପ୍ରକାର ପରୀକ୍ଷଣ ପ୍ରଶ୍ନ ପ୍ରସ୍ତୁତି

୧୫.୩.୧ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

୧୫.୩.୨ ସୀମିତ ଉତ୍ତରମୂଳକ ପ୍ରଶ୍ନ

୧୫.୩.୩ ବସ୍ତୁନିଷ୍ଠ ପ୍ରଶ୍ନ ପତ୍ର

୧୫.୩.୪ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ପତ୍ର

୧୫.୪ ଗୁଣାତ୍ମକ ସାଧନୀ ଓ କୌଶଳର ପ୍ରସ୍ତୁତି ଓ ବ୍ୟବହାର

୧୫.୪.୧ ପର୍ଯ୍ୟବେକ୍ଷଣ

୧୫.୪.୨ ତନଖି ତାଲିକା

୧୫.୪.୩ ମାନକ ସୂଚୀ

୧୫.୪.୪ ପ୍ରଶ୍ନାବଳୀ

୧୫.୪.୫ ସାକ୍ଷାତକାର

୧୫.୪.୬ କୃତୀ

୧୫.୪.୭ ପ୍ରକଳ୍ପ

୧୫.୪.୮ ବ୍ୟକ୍ତି ଅଧ୍ୟୟନ

୧୫.୫ ସାରାଂଶ

୧୫.୬ ପରବର୍ତ୍ତୀ ଅଧ୍ୟୟନ ପାଇଁ ପୁସ୍ତକସୂଚୀ

୧୫.୭ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୧୫.୮ ପାଠାନ୍ତ ପ୍ରଶ୍ନାବଳୀ


## ୧୫.୦ ଉପକ୍ରମ:

ଶିକ୍ଷଣ – ଶିକ୍ଷାଦାନ ପ୍ରକ୍ରିୟାରେ ମାନ ନିର୍ଦ୍ଧାରଣର ଗୁରୁତ୍ୱ ପୂର୍ବ ଏକକରେ ତୁମେ ପଢିସାରିଛ । ତୁମେ ମାନ ନିର୍ଦ୍ଧାରଣ ସହିତ ଶ୍ରେଣୀ କକ୍ଷର ପ୍ରକ୍ରିୟା ଏବଂ ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ ସମ୍ପର୍କ ବିଷୟରେ ପଢିସାରିଛ । ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ଗୋଟିଏ ଶିକ୍ଷାର୍ଥୀର ସ୍କୁଲ ଆଧାରିତ ମାନ ନିର୍ଦ୍ଧାରଣ ପ୍ରଣାଳୀ ଯେଉଁଟା ସେମାନଙ୍କର ପ୍ରତ୍ୟେକ ଦୃଷ୍ଟିକୋଣର ବିକାଶକୁ ବିସ୍ତାରିତ କରିଥାଏ । ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ଗୋଟିଏ ସମୟର ଘଟଣା ନୁହେଁ । ଏହା ସମଗ୍ର ଅଧ୍ୟୟନରତ ଅଧିବେଶନ ଉପରେ ନ୍ୟସ୍ତ ହୋଇଥାଏ । ନିରନ୍ତର ଓ ସାମଗ୍ରୀକ ମୂଲ୍ୟାୟନର ଧାରାବାହିକତା ଗଠନାତ୍ମକ ଆକଳନର ନିୟମିତତା, ସମୟର କମ୍ ବ୍ୟବଧାନ ଭିତରେ, ଶିକ୍ଷାର୍ଥୀ ମାନଙ୍କର ଶିକ୍ଷଣ ସମସ୍ୟାର ନିଦାନ, ସଂଶୋଧନ ମାପର

ଟିପ୍ପଣୀ

ବ୍ୟବହାର, ଏବଂ ଶିକ୍ଷାର୍ଥୀମାନଙ୍କୁ ଠିକ ସମୟରେ ସଂଶୋଧନାତ୍ମକ ଉପଦେଶ ଦେବା ଇତ୍ୟାଦି ଉପରେ ଗୁରୁତ୍ୱ ଦେଇଥାଏ । ଯେତେବେଳେ ତୁମେ ଶିକ୍ଷାର୍ଥୀମାନଙ୍କର ଉଭୟ ବୌଦ୍ଧିକ ଓ ଅଣବୌଦ୍ଧିକ ଦିଗର ମାନ ନିର୍ଦ୍ଧାରଣ କରିବ ସେତେବେଳେ ଏହି ଉଦ୍ଦେଶ୍ୟ ପାଇଁ ତୁମେ ଚିନ୍ତା କରୁଛ କି ଏକମାତ୍ର ସାଧନୀ ବା କୌଶଳ (କିମ୍ବା ଉଦାହରଣ ଗୋଟିଏ ଶ୍ରେଣୀକକ୍ଷ ପରୀକ୍ଷଣ) ଏହା ପାଇଁ ଯଥେଷ୍ଟ ହେବ ? ବ୍ୟାପକ ମାନ ନିର୍ଦ୍ଧାରଣ ପାଇଁ ତୁମେମାନେ ଅନେକ ସାଧନୀ ଓ କୌଶଳ ଉପରେ ନିର୍ଭର କରିବ ।

ମାନ ନିର୍ଦ୍ଧାରଣର ସାଧନୀ ଓ କୌଶଳର ମୌଳିକ ଧାରଣା ବିଷୟରେ ଏହି ଏକକରୁ ପଢିବ । ଯାହା ଫଳରେ ପ୍ରତ୍ୟେକ ଶିକ୍ଷାର୍ଥୀର ବୌଦ୍ଧିକ ଓ ଅଣ ବୌଦ୍ଧିକ ଦୃଷ୍ଟିକୋଣର ମାନ ନିର୍ଦ୍ଧାରଣ କରିବା ପାଇଁ ବିଭିନ୍ନ ପ୍ରକାରର ସାଧନୀ ନିର୍ମାଣର ଦକ୍ଷତାର ବିକାଶ ହୋଇପାରିବ ।

୧୫.୧ ଶିକ୍ଷଣ ଉଦ୍ଦେଶ୍ୟ:

ଏହି ଏକକ ଅଧ୍ୟୟନ ପରେ, ତୁମେ ସମର୍ଥ ହେବ

- ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶର ମାନ ନିର୍ଦ୍ଧାରଣ ପାଇଁ ବ୍ୟବହାର ହେଉଥିବା ବିଭିନ୍ନ ପ୍ରକାରର ସାଧନୀକୁ ଚିହ୍ନଟ କରିବାରେ ।
- ଶିକ୍ଷାର୍ଥୀମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିବା ପାଇଁ ବିଭିନ୍ନ ସାଧନୀ ଓ ଉପଲବ୍ଧି ପରୀକ୍ଷଣର ବ୍ୟବହାର ଓ ବିକାଶ କରିବାରେ ।
- ବିଭିନ୍ନ ବିଷୟରେ ଭିନ୍ନ ଭିନ୍ନ ପ୍ରକାରର ପ୍ରଶ୍ନପତ୍ର ପ୍ରସ୍ତୁତି କରିବା ଦକ୍ଷତାର ବିକାଶ କରିବାରେ

**୧୫.୨. ଉପଲବ୍ଧି ପରୀକ୍ଷଣର ପ୍ରସ୍ତୁତି ଓ ବ୍ୟବହାର**

ତୁମେ "ଉପଲବ୍ଧି" ବିଷୟରେ କ'ଣ ଜାଣିଛ ?

"ଉପଲବ୍ଧି" ଶବ୍ଦର ଭାଷାକୋଷୀୟ ଅର୍ଥ ହେଉଛି "ଗୋଟିଏ ଜିନିଷ ଯେଉଁଟା କେହି ଜଣେ ବିଶେଷତଃ ତା'ର ନିଜର ଚେଷ୍ଟା ଓ ଦକ୍ଷତାର ବ୍ୟବହାର କରି ସଫଳତା ପୂର୍ବକ ସମାପ୍ତ କରିଥାଏ" (Oxford advanced student's dictionary of current English, 2005) ଉଦାହରଣ: ଷଷ୍ଠ ଶ୍ରେଣୀରେ ବିଜୟା ନାମ୍ନୀ ଛାତ୍ରୀ ସରଳ ଓ ଚକ୍ରବୃଦ୍ଧି ସୁଧ (simple and compound interest) ସମ୍ବନ୍ଧୀୟ ୧୦ ପ୍ରକାର ସମସ୍ୟାର ସମାଧାନ ସଫଳତାର ସହିତ ବାହାର କରିପାରିବା ସମୟରେ ସଞ୍ଜୟ ୪ ପ୍ରକାର ସମସ୍ୟାର ସମାଧାନ କରିଥାଏ । ତେଣୁ ଆମେ କହିପାରିବା ଯେ ସରଳ ଓ ଚକ୍ରବୃଦ୍ଧି ସୁଧ ସମସ୍ୟା ସମାଧାନ କରିବାରେ ବିଜୟାର ସଞ୍ଜୟ ଠାରୁ ଅତ୍ୟଧିକ ଭଲ ଉପଲବ୍ଧି ଅଛି । ବିଜୟାର ଉପଲବ୍ଧ ସଞ୍ଜୟର ଉପଲବ୍ଧି ତୁଳନାରେ ଅଧିକ କାରଣ ବିଜୟ ବିଭିନ୍ନ ପ୍ରସଙ୍ଗରେ ସୁଧ ହିସାବ କରିବାର ଧାରଣାରେ ଅଧିକ ଜ୍ଞାନ, ବୋଧ ଓ ଦକ୍ଷତା ଅର୍ଜନ କରିଛି । ଏହି ପରିସ୍ଥିତିରେ ଉପଲବ୍ଧ ହେଉଛି ସମସ୍ୟା ସମାଧାନରେ ଅଭିଜ୍ଞତା ଅର୍ଜନ କରିବା ।

ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଉପଲବ୍ଧିର ମାନ ନିର୍ଦ୍ଧାରଣ ପାଇଁ ସାଧାରଣତଃ ଆମେ ସ୍କୁଲରେ ପରୀକ୍ଷଣର ସାଧନୀ (ପ୍ରଶ୍ନପତ୍ର) ବ୍ୟବହାର କରିଥାଉ । ସେହି ପରୀକ୍ଷଣ ସାଧନୀ (ପ୍ରଶ୍ନପତ୍ର) ତୁମ ଦ୍ୱାରା ପ୍ରସ୍ତୁତ ହୋଇଥାଏ କିମ୍ବା ପରୀକ୍ଷା ଅଧିକାରୀ ତୁମକୁ ପଠାଇଥିବେ କିମ୍ବା ତୁମେ ବଜାରରୁ ଏହାକୁ ସଂଗ୍ରହ କରିଥିବ । ତୁମେ ପ୍ରସ୍ତୁତ କରିଥିବା ପରୀକ୍ଷଣ ପତ୍ର ପତ୍ରୁା ଅନ୍ୟମାନଙ୍କ ଠାରୁ ଭିନ୍ନ ? ବଜାରରୁ ସଂଗ୍ରହ କରିବା ପ୍ରଶ୍ନ ପତ୍ର ତୁମର ଉଦ୍ଦେଶ୍ୟ ସାଧନ କରିପାରୁଛି କି ?

ଏହି ସମସ୍ୟା ଉପରେ ତୁମେ ଗଭୀର ଭାବେ ଚିନ୍ତା କର । ଅଧିକାଂଶ ଶିକ୍ଷକ ଶିକ୍ଷଣ –ଶିକ୍ଷାଦାନ ପ୍ରକ୍ରିୟାରେ ଶିକ୍ଷାର୍ଥୀମାନେ କେତେ ମାତ୍ରାରେ ସଫଳତା ପାଉଛନ୍ତି ତାହା ଜାଣିବା ପାଇଁ ଆମେ ପ୍ରଶ୍ନ ପତ୍ର

ଟିପ୍ପଣୀ

ଉପରେ ନିର୍ଭର କରୁଥାଉ ଏବଂ କେତେ ମାତ୍ରାରେ ଶିକ୍ଷଣ ଉଦ୍ଦେଶ୍ୟ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ହାସଲ ହୋଇଛି ତାହା ଜାଣିବା ପାଇଁ ମଧ୍ୟ ଶିକ୍ଷକ ପରୀକ୍ଷଣ ପତ୍ର ଉପରେ ନିର୍ଭର କରିଥାନ୍ତି । ପରୀକ୍ଷଣର ଫଳାଫଳ ପ୍ରାପ୍ତ ନମ୍ବର କିମ୍ବା ଗ୍ରେଡ ଆକାରରେ ପ୍ରତିଫଳିତ କରାଯାଇଥାଏ । ନିମ୍ନରେ ଦିଆଯାଇଥିବା ଉଦାହରଣକୁ ଲକ୍ଷ୍ୟ କରିବା ।

ମନେକର ତୁମେ ଗ୍ରେଡ-୨ର ଗଣିତ ଶିକ୍ଷାଦାନ ସମୟରେ ୨ ଅଙ୍କ ବିଶିଷ୍ଟ ସଂଖ୍ୟାର ମିଶାଣ କିମ୍ବା ୨ ଅଙ୍କ ବିଶିଷ୍ଟ ସଂଖ୍ୟା ଠାରୁ ଅଧିକ ସଂଖ୍ୟାର ମିଶାଣ ଯେଉଁଟା ନିମ୍ନରେ ଦିଆଯାଇଥିବା ଧାରଣା ଉପରେ ପର୍ଯ୍ୟବେସିତ ।

ଧାର ନନେଇ ୨ୟ ଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗ ।

ଧାର ନେଇ ୨ୟ ଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗ ।

ଧାଡି ଅନୁଯାୟୀ ୨ୟ ଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗ ।

୨ୟ ଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗର ଭାଷାଗତ ଗାଣିତିକ ସମସ୍ୟା

ଏହି ଧାରଣାର ଶିକ୍ଷାଦାନ ପରେ, ତୁମେ ଜାଣିବାକୁ ଚାହିଁବ ମିଶାଣରେ କେତେ ପରିମାଣର ଅଭିଜ୍ଞତା ପତ୍ୟେକ ଶିକ୍ଷାର୍ଥୀ ଅର୍ଜନ କରିଛନ୍ତି । ଏହି ପରିସ୍ଥିତିରେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଉପଲବ୍ଧିର ପରିମାଣକୁ ଜାଣିବା ସହିତ ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ ସହିତ ଅନ୍ତର୍ଭୁକ୍ତ ଜ୍ଞାନ, ବୋଧ, ପ୍ରୟୋଗ, ବିଶ୍ଳେଷଣ, ସଂଶ୍ଳେଷଣ ଓ ମୂଲ୍ୟାୟନ ଦକ୍ଷତା ପାଇଁ ଆମେ ସାଧାରଣତଃ ଉପଲବ୍ଧି ପରୀକ୍ଷଣର ବ୍ୟବହାର କରିଥାଉ । ଏହି ପ୍ରକାରର ପରୀକ୍ଷଣ ଗୋଟିଏ ଶିକ୍ଷାର୍ଥୀର ଉପଲବ୍ଧିର ପ୍ରଦର୍ଶନକୁ ଅନ୍ୟ ଶିକ୍ଷାର୍ଥୀର ଉପଲବ୍ଧିର ପ୍ରଦର୍ଶନ ସହିତ ତୁଳନା କରିବା ପାଇଁ ଶିକ୍ଷକଙ୍କୁ ସାହାଯ୍ୟ କରିଥାଏ ।

E 1 : ପ୍ରାଥମିକ ସ୍କୁଲ ସ୍ତରର ଶ୍ରେଣୀ କକ୍ଷ ପରିସ୍ଥିତିରେ ଉପଲବ୍ଧ ପରୀକ୍ଷଣର ଯେକୌଣସି ୩ ପ୍ରକାରର ବ୍ୟବହାର ବିଷୟରେ ଲେଖ ।

ବର୍ତ୍ତମାନ ଧରିନିଅ ତୁମେ ତୁମ ସ୍କୁଲରେ ପଞ୍ଚମ ଶ୍ରେଣୀର ଶିକ୍ଷାର୍ଥୀଙ୍କ ପାଇଁ ଗଣିତରେ ଉତ୍ତମ ପରୀକ୍ଷଣର ପ୍ରସ୍ତୁତି କରିବ । ତୁମେ ତୁମ ଶିକ୍ଷାର୍ଥୀ ମାନଙ୍କୁ ଭଲ ଭାବେ ଜାଣିଛ ଏବଂ ଯେଉଁ ପରୀକ୍ଷଣ ପତ୍ର ତୁମେ ପ୍ରସ୍ତୁତ କରିଥିବ ତାହା ମାଧ୍ୟମରେ ତୁମେ ତୁମ ଶିକ୍ଷାର୍ଥୀମାନଙ୍କର ଗଣିତର ଉପଲବ୍ଧି ବିଷୟରେ ତଥ୍ୟ ଦେବାରେ ତୁମକୁ ସାହାଯ୍ୟ କରିବ । ତୁମେ ମଧ୍ୟ ପରୀକ୍ଷଣ ସମ୍ପାଦନରେ କାର୍ଯ୍ୟ ଉପରେ ସନ୍ତୁଷ୍ଟ ଥିବ । ତୁମେ ପ୍ରସ୍ତୁତ କରିଥିବା ଏହି ପ୍ରଶ୍ନ ପତ୍ର ତୁମ ସ୍କୁଲ ଠାରୁ ଦୂରରେ ଥିବା ସ୍କୁଲ ବା ଆଦିବାସୀ ଅଞ୍ଚଳର ସ୍କୁଲ ବା ଅନ୍ୟ ସହରରେ ଥିବା ସ୍କୁଲର ଶିକ୍ଷକ ଦ୍ୱାରା ବ୍ୟବହାର ହୋଇପାରିବ କି ? ଠିକ ଅଛି, ଆମେ ଏହି ବିଷୟରେ ନିଶ୍ଚିତ ନୁହେଁ ।

ଆମେ ଏହା କହିପାରିବା ଯେ ପରୀକ୍ଷଣ ପତ୍ରର କାର୍ଯ୍ୟ ସମତୁଲ ହୋଇପାରିବ ଯଦି ତୁମ ସ୍କୁଲର ପରିବେଶ ଓ ଛାତ୍ରଛାତ୍ରୀ ସେ ବିଦ୍ୟାଳୟର ପରିବେଶ ଓ ଛାତ୍ରଛାତ୍ରୀ ସଂଖ୍ୟା ସମାନ ଥିବ । କିନ୍ତୁ, ତୁମ ରାଜ୍ୟ ସାରା ସମସ୍ତ ସ୍କୁଲରେ ସାଧାରଣ ପରୀକ୍ଷାରେ ଗୋଟିଏ ପ୍ରକାରର ପ୍ରଶ୍ନ ପତ୍ରର ବ୍ୟବହାର କରାଯାଉଛି । ସେହି ପ୍ରଶ୍ନ ପତ୍ରଗୁଡ଼ିକ ଗୋଟିଏ କଡାକଡି ପ୍ରକ୍ରିୟାରେ ଯତ୍ନପୂର୍ବକ ଭାବେ ପ୍ରସ୍ତୁତ କରାଯାଉଥିବାରୁ ଏହାକୁ ମାନକୀକରଣ କୁହାଯାଏ ତେଣୁ ରାଜ୍ୟର ଯେକୌଣସି ସ୍ଥାନରେ ଥିବା ସ୍କୁଲରେ ପଢୁଥିବା ପିଲାମାନଙ୍କ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ହେବ । ପରୀକ୍ଷଣ ପତ୍ରକୁ ୨ଟି ଭାଗରେ ଶ୍ରେଣୀଭୁକ୍ତ କରାଯାଇଛି ଯଥା: (୧) ଶିକ୍ଷକ ପ୍ରସ୍ତୁତ ପରୀକ୍ଷଣ, (୨) ମାନକୀକରଣ ପରୀକ୍ଷଣ ପତ୍ର । ପ୍ରତ୍ୟେକ ରାଜ୍ୟରେ ଥିବା ସମସ୍ତ ମାଧ୍ୟମିକ ସ୍କୁଲର ବାର୍ଷିକ ମାଧ୍ୟମିକ ସ୍କୁଲ ପ୍ରମାଣପତ୍ର ପରୀକ୍ଷାରେ ବ୍ୟବହାର କରାଯାଉଥିବା ପ୍ରଶ୍ନପତ୍ର ମାନକୀକରଣ

ଟିପ୍ପଣୀ

ଉପଲବ୍ଧ ପରୀକ୍ଷଣର ଉଦାହରଣ ଅଟେ । ନିମ୍ନରେ ଦିଆଯାଇଥିବା ପ୍ରଶ୍ନପତ୍ରର ଗୁଣ ମାନକୀକରଣ ପ୍ରକ୍ରିୟା ଦ୍ୱାରା ସୁନିଶ୍ଚିତ କରାଯାଇଛି ।

- ସ୍ପଷ୍ଟ ଭାବେ ସୁଚୀତ ହୋଇଥିବା ଉପଲବ୍ଧର ପରିସରକୁ ମାପିବା ପାଇଁ ପ୍ରଶ୍ନପତ୍ରର ବ୍ୟବହାର ଉଦ୍ଦେଶ୍ୟପୂର୍ବକ ପ୍ରସ୍ତୁତ କରିବା ।
- ପ୍ରଶ୍ନପତ୍ରଗୁଡିକ ବିଷୟ ଉପରେ ଆଧାରିତ ତଦ୍ୱାରା ବିଭିନ୍ନ ଶିକ୍ଷାର୍ଥୀଙ୍କୁ ବିଭିନ୍ନ ସମୟରେ ଓ ବିଭିନ୍ନ ସ୍ଥାନରେ ଏକାପରି ପରୀକ୍ଷଣର ବ୍ୟବହାର କରିବାର ଉପଯୁକ୍ତ ବ୍ୟବସ୍ଥା ରହିବା ଦରକାର ।
- ସମାନ ସର୍ତ୍ତରେ ପ୍ରଶ୍ନପତ୍ର ଯଥାଯଥ ଭାବରେ ପରିଚାଳିତ ହେବା ଦରକାର ।
- ପରୀକ୍ଷଣର ଫଳାଫଳକୁ ପରିଚାଳିତ, ଗଣନା କରିବା ଏବଂ ବ୍ୟାଖ୍ୟା କରିବା ପାଇଁ ଏକ ମାନକୀକରଣ ପ୍ରକ୍ରିୟାକୁ ଅନୁସରଣ କରିବା ଉଚିତ୍ ।

ମାନକୀକରଣ ଉପଲବ୍ଧ ପରୀକ୍ଷଣ ଉକ୍ତ ଗୁଣର ପ୍ରଶ୍ନପତ୍ରକୁ ନେଇ ଗଠିତ ହୋଇଥାଏ ଯେଉଁଟା ବିଶେଷଜ୍ଞଙ୍କ ଦ୍ୱାରା ଅସୁବିଧାର ସ୍ତର ଅନୁସାରେ ପରୀକ୍ଷା କରାଯାଇ ପ୍ରସ୍ତୁତ ଏବଂ ମନୋନୀତ କରାଯିବ । ଯାହାହେଉ, ଏହି ମାନକୀକରଣ ପରୀକ୍ଷଣ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣର ପ୍ରଗତିକୁ ପର୍ଯ୍ୟାଲୋଚନା କରିବା ପାଇଁ ସୀମିତ ବ୍ୟବହାର କରାଯାଏ ଏବଂ ଶିକ୍ଷାର୍ଥୀମାନଙ୍କର ଅଧିକତର ଶିକ୍ଷଣ ପାଇଁ ମଧ୍ୟ ଏହାର ବ୍ୟବହାର କରାଯାଇଥାଏ । ଗଠନାତ୍ମକ ମାନ ନିର୍ଦ୍ଧାରଣ ପାଇଁ ଶିକ୍ଷକ ପ୍ରସ୍ତୁତ ପରୀକ୍ଷଣର ଉପଯୋଗିତ ବହୁତ ଅଧିକ, ଯେଉଁ ବିଷୟରେ ଆମେ ପୂର୍ବ ଏକକରେ ଆଲୋଚନା କରିସାରିଛେ । ଚାଲ ଶିକ୍ଷକପ୍ରସ୍ତୁତ ପରୀକ୍ଷଣର ବିଭିନ୍ନ ଦିଗ ବିଷୟରେ ବୁଝିବା ।

### ୧୫.୨.୧ ଶିକ୍ଷକ ପ୍ରସ୍ତୁତ ପରୀକ୍ଷଣ

ଶ୍ରେଣୀକକ୍ଷରେ ଶିକ୍ଷାଦାନ ସମୟରେ, ତୁମେ ପ୍ରତ୍ୟେକ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ସ୍ତରର ମାନ ନିର୍ଦ୍ଧାରଣ ପାଇଁ ବିଭିନ୍ନ ପ୍ରକାରର ପ୍ରଶ୍ନପତ୍ରର ବ୍ୟବହାର କରିଥାଅ । ମାନ ନିର୍ଦ୍ଧାରଣକୁ ଅଧିକ ନିରନ୍ତର ଓ ବ୍ୟାପକ କରିବା ପାଇଁ ଏହି ପରୀକ୍ଷଣ ଅତ୍ୟାବଶ୍ୟକ ଅଟେ । ତୁମ ଶ୍ରେଣୀକକ୍ଷରେ ବିଭିନ୍ନ ସମୟରେ ଶିକ୍ଷାର୍ଥୀମାନଙ୍କର ପ୍ରଗତିର ମାନ ନିର୍ଦ୍ଧାରଣ ପାଇଁ ଏହି ଶିକ୍ଷକ ପ୍ରସ୍ତୁତ ପରୀକ୍ଷଣର ବହୁଳ ବ୍ୟବହାର ଓ ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ତୁମେ କରିଛ । ଶିକ୍ଷକ ପ୍ରସ୍ତୁତ ପରୀକ୍ଷଣର କେତେକ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ବିଷୟରେ ନିମ୍ନରେ ଦିଆଯାଇଛି ।

- ସ୍କୁଲର ପ୍ରତ୍ୟେକ ଦିନ ହେଉଥିବା ଶିକ୍ଷାଦାନ ଓ ଶିକ୍ଷଣ କାର୍ଯ୍ୟ ଉପରେ ପ୍ରତିଫଳନ
- ଅଧିକ କାର୍ଯ୍ୟଦକ୍ଷ ଶିକ୍ଷଣ ଶିକ୍ଷାଦାନ କୌଶଳର ବିକାଶ
- ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ଦକ୍ଷତାକୁ ଜାଣିବା । ପ୍ରତ୍ୟେକ ଶିକ୍ଷାର୍ଥୀମାନଙ୍କର ଦକ୍ଷତା ବିଷୟରେ ଜାଣି ସାରିବା ପରେ ବିଭିନ୍ନ ଦକ୍ଷତା ଭିତ୍ତିକ ଦଳ ପ୍ରସ୍ତୁତି ପାଇଁ ଶିକ୍ଷକ ଏକ ସୁବିଧା ସ୍ଥିତିରେ ରହିବେ । (ଏହି ବିଷୟର ଥିବା ଏକକ ୫ର ବ୍ଲକ୍ -୨ କୁ ପଢ)
- ଶିକ୍ଷାର୍ଥୀମାନଙ୍କର ସାମର୍ଥ୍ୟ ଓ ଦୁର୍ବଳତାର ନିଦାନ କରିବାକୁ, ଏବଂ ଏହା ନିରାକରଣ ଏବଂ ସମୃଦ୍ଧ କାର୍ଯ୍ୟ ପାଇଁ ଯୋଜନା କରିବାକୁ ଶିକ୍ଷକଙ୍କୁ ସାହାଯ୍ୟ କରିଥାଏ

E 1 : ନିମ୍ନରେ ଦିଆଯାଇଥିବା ଉଦାହରଣ ବିଶ୍ଲେଷଣ କର :



ଟିପ୍ପଣୀ

ଶ୍ରୀ ପାଣ୍ଡେ ତାଙ୍କ ଶ୍ରେଣୀରେ ଉନ୍ନତମାନର ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟା କରିବା ପାଇଁ ଅତି ସାବଧାନ ସହିତ ଯୋଜନା ପ୍ରସ୍ତୁତ କଲେ । ଗୋଟେ ଦିନ ସେ ଯୋଜନା କଲେ ତାଙ୍କ ଶିକ୍ଷାର୍ଥୀମାନଙ୍କୁ ଗ.ସା.ଗୁ ଧାରଣା ବିଷୟରେ ଶିକ୍ଷାଦେବେ । ସେ ଏହି ବିଷୟରେ ଶିକ୍ଷାଦାନ ଦେବାପୂର୍ବରୁ ଚିନ୍ତା କଲେ ଯେ କେତେମାତ୍ରାରେ ଶିକ୍ଷାର୍ଥୀମାନେ ମୌଳିକ ଗୁଣନୀୟକ ଓ ଗୁଣିତକ ବିଷୟରେ ଜାଣିଛନ୍ତି । ଏହି ବିଷୟରେ ତାଙ୍କୁ ଅବଗତ ହେବା ନିହାତି ଆବଶ୍ୟକ । ଏହି ଉଦ୍ଦେଶ୍ୟକୁ ଆଖିଆଗରେ ରଖି ସେ ଗୋଟିଏ ପରୀକ୍ଷଣ ପତ୍ର ପ୍ରସ୍ତୁତ କଲେ ଏହି ପରୀକ୍ଷଣ ନିଜ ପିଲାମାନଙ୍କ ଉପରେ ପରିଚାଳିତ କଲେ ଏବଂ ଏହାପରେ ପରୀକ୍ଷଣ ଫଳାଫଳ ଅନୁସାରେ ଅଗ୍ରସର ହେଲେ ।

(କ) ପାଣ୍ଡେ ପ୍ରସ୍ତୁତ କରିଥିବା ପରୀକ୍ଷଣ ପତ୍ର ତାଙ୍କର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ତାଙ୍କୁ ସାହାଯ୍ୟ କରିବ ବୋଲି ତୁମେ ଚିନ୍ତା କରୁଛ କି ?

(ଖ) ପାଣ୍ଡେଙ୍କ ପାଇଁ ପରୀକ୍ଷଣ ପତ୍ର କିପରି ବ୍ୟବହାରଯୋଗ୍ୟ ଥିଲା ?

(ଗ) ବର୍ତ୍ତମାନ ତୁମେ ଯେଉଁଠି ପାଠ ପଢାଉଛ ସେ ଶ୍ରେଣୀ କକ୍ଷ ବିଷୟରେ ଚିନ୍ତା କର ଏବଂ ଏହି ପ୍ରକାରର ଉଦାହରଣ ଆଉ ଗୋଟେ ଲେଖ ।

ନିମ୍ନରେ ଶିକ୍ଷକ ପ୍ରସ୍ତୁତ ପରୀକ୍ଷଣର ଲକ୍ଷଣଗୁଡିକ ଦିଆଯାଇଛି ।

| ଲକ୍ଷଣ | ଶିକ୍ଷକ ପ୍ରସ୍ତୁତ ଉପଲବ୍ଧିର ପରୀକ୍ଷଣ |
|---|---|
| ପରିଚାଳନା ପାଇଁ ନିର୍ଦ୍ଦେଶନା | ଏକା ପ୍ରକାରର ନିର୍ଦ୍ଦେଶ ନିର୍ଦ୍ଦିଷ୍ଟ କରାଯାଏ ନାହିଁ ଶିକ୍ଷକ ଯିଏ ଏହାର ବ୍ୟବହାର କରୁଛନ୍ତି ତାଙ୍କ ଉପରେ ନିର୍ଭର କରାଯାଏ । |
| ଶିକ୍ଷଣ ଫଳାଫଳ ଏବଂ ବିଷୟର ନମୁନା | ସ୍ଥାନୀୟ ପାଠ୍ୟକ୍ରମର ବିଷୟ ଏବଂ ଫଳାଫଳ ସହିତ ଭଲଭାବେ ଜଡିତ, ଶ୍ରେଣୀକକ୍ଷର ଶିକ୍ଷକ ଗୋଟିଏ ନିର୍ଦ୍ଦିଷ୍ଟ ପରୀକ୍ଷଣ ପାଇଁ କେତେ ପରିମାଣର ବିଷୟ ସମାପ୍ତ ହେବା ଦରକାର ଏହା ମଧ୍ୟ ନିଷ୍ପତ୍ତି ନେବେ । |
| ନିର୍ମାଣ | ଶ୍ରେଣୀକକ୍ଷର ଶିକ୍ଷକଙ୍କ ଉପରେ ନିର୍ଭର କରିଥାଏ, ତାଙ୍କର କ୍ଷମତା, ବ୍ଲୁ ପ୍ରିଣ୍ଟର ପ୍ରସ୍ତୁତି, ପ୍ରଶ୍ନପତ୍ର ବିଶ୍ଳେଷଣର କମ୍ ସୁଯୋଗ, ଏବଂ ପ୍ରଶ୍ନପତ୍ରର ପ୍ରାକ୍ ପରୀକ୍ଷଣ |
| ବ୍ୟବହାରର ବାରମ୍ବାରତା | ଏହା ପରୀକ୍ଷଣ ସାଧୀନର ଉଦ୍ଦେଶ୍ୟ ଉପରେ ନିର୍ଭର କରୁଛି । |
| ଉଦ୍ଦେଶ୍ୟ | ସଂଶୋଧନାତ୍ମକ ଉପଦେଶ ଦେବା, ଶିକ୍ଷଣ କାର୍ଯ୍ୟର ଉଦ୍ଦେଶ୍ୟ, ଭଲ ଅଧ୍ୟୟନର ଅଭ୍ୟାସର ବିକାଶ ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା |
| ବ୍ୟବହାର | ଗୋଟିଏ ନିର୍ଦ୍ଦିଷ୍ଟ ସ୍କୁଲର ପ୍ରାପ୍ତ ଅଙ୍କର ତୁଳନା ଏବଂ ବ୍ୟାଖ୍ୟାର ସୀମାକୁ ଅନ୍ୟ ସ୍କୁଲ ସହିତ ତୁଳନା କରାଯିବ ନାହିଁ । ଶିକ୍ଷକଙ୍କ ଦ୍ୱାରା ଧାର୍ଯ୍ୟ କରିଯାଇଥିବା ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟର ମାପ କରିବା । |

ଶିକ୍ଷକ ନିଜ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣର ଫଳାଫଳ ସମ୍ବନ୍ଧରେ ଠିକ୍ ଓ ନିର୍ଭୁଲ ତଥ୍ୟ ପାଇବା ପାଇଁ ପ୍ରସ୍ତୁତ କରିଥିବା ପରୀକ୍ଷଣର କିପରି ଯୋଜନା, ନିର୍ମାଣ ଏବଂ ବ୍ୟବହାର କରିବେ ସେ ବିଷୟରେ ଜାଣିବା ଦରକାର । ଅନ୍ୟଥା, ସାମୟିକ ଭାବେ ନିର୍ମିତ ପରୀକ୍ଷଣ ଆମ ଉଦ୍ଦେଶ୍ୟ ପୂରଣ କରିପାରିବ ନାହିଁ ଏବଂ ନିର୍ଭର କରିଥିବା ପରୀକ୍ଷଣର ଫଳାଫଳ ବ୍ୟବହାର ଉପଯୋଗୀ ହେବ ନାହିଁ ଏବଂ ବେଳେବେଳେ ଏହା ଶିକ୍ଷାର୍ଥୀଙ୍କର ଶିକ୍ଷଣ ପାଇଁ କ୍ଷତିକାରକ ହେବ ।

ଟିପ୍ପଣୀ

ଗୋଟିଏ ପରୀକ୍ଷଣର ବିଷୟବସ୍ତୁ କ'ଣ ହେବ? ଗୋଟିଏ ପରୀକ୍ଷଣ ଅନ୍ତର୍ଭୁକ୍ତ କରିଥିବା ତଥ୍ୟ ସମ୍ବନ୍ଧରେ:

- ଘଟଣାର ପରୀକ୍ଷଣ (ଯଥା ବାର୍ଷିକ, ଟର୍ମିନାଲ, ଅର୍ଦ୍ଧବାର୍ଷିକ, ମାସିକ, ଅଣନାମିତ (untitled)
- ପ୍ରଶ୍ନପତ୍ରର ଉତ୍ତର ସମାପ୍ତ ପାଇଁ ସମୁଦାୟ ସମୟ ଅବଧି କେତେ ଦିଆଯିବ ।
- ଏହା କେଉଁ ଶ୍ରେଣୀ ପାଇଁ ଉପଯୁକ୍ତ
- ପରୀକ୍ଷଣରେ ଥିବା ବହୁତ / ପୂର୍ଣ୍ଣସଂଖ୍ୟା (full mark)
- ପ୍ରଶ୍ନପତ୍ରକୁ ସାଧାରଣତଃ ପ୍ରଶ୍ନ କୁହାଯାଏ ଯେହେତୁ ଏହା ପରୀକ୍ଷଣ ଶରୀରର ମୁଖ୍ୟ ଅଂଶ

ତୁମେ ଜାଣିଛ କି କାହିଁକି ପ୍ରଶ୍ନକୁ ପ୍ରଶ୍ନପତ୍ର (Items) କୁହାଯାଏ ?

ନିମ୍ନରେ ଦିଆଯାଇଥିବା କେତେକ ପ୍ରଶ୍ନପତ୍ରର ଉଦାହରଣକୁ ପରୀକ୍ଷା କର ।

୧. ବଙ୍ଗଳାଦେଶର ରାଜଧାନୀର ନାମ କ'ଣ ?

୨. ହଇଜା ହେବାର ୩ଟି କାରଣ କୁହ ?

୩. "ଉଚ୍ଚ ନିରକ୍ଷରତାର ଅନୁପାତ ପାଇଁ ଦାରିଦ୍ର୍ୟ କେବଳ ଏକମାତ୍ର କାରଣ ନୁହେଁ", ଯଥାର୍ଥତା ପ୍ରତିପାଦନ କର ।

୪. ଭାରତରେ ଥିବା ଦୀର୍ଘତମ ନଦୀ ହେଉଛି ।

ତୁମେ ଲକ୍ଷ୍ୟ କର, ଉକ୍ତି ୧ଟି ପ୍ରଶ୍ନ ଆକୃତିର, ୨ଟି ଆସ୍ତିବାଚକ ବାକ୍ୟ ଅଟେ, ୩ଟି ନାସ୍ତିବାଚକ ବାକ୍ୟ ଅଟେ ଏବଂ ୪ଟି ଏକ ଅସମ୍ପୂର୍ଣ୍ଣ ବାକ୍ୟ ଅଟେ । ସମସ୍ତ ଉକ୍ତି ପ୍ରଶ୍ନ ଆକୃତିର ନୁହେଁ କିନ୍ତୁ ସେମାନେ ପରୀକ୍ଷଣର ଉଦ୍ଦେଶ୍ୟର କର୍ତ୍ତବ୍ୟ ପାଳନ କରିଛନ୍ତି । ତେଣୁ ପ୍ରତ୍ୟେକଙ୍କୁ ପ୍ରଶ୍ନପତ୍ର କୁହାଯିବ ।

ବିଭିନ୍ନ ପ୍ରକାରର ପ୍ରଶ୍ନ ପତ୍ର ଉପରେ ନିର୍ଭର କରି ଏଠାରେ ନିମ୍ନରେ ପରୀକ୍ଷଣର ବିଭିନ୍ନ ଶ୍ରେଣୀ ବିଭାଗ କରାଯାଇଛି ।

- ବସ୍ତୁନିଷ୍ଠ ପରୀକ୍ଷଣ – ଏହି ପରୀକ୍ଷଣରେ ଥିବା ପତ୍ୟେକ ପ୍ରଶ୍ନ ବସ୍ତୁନିଷ୍ଠ ପ୍ରକାରର (ଏହି ଏକକର ୧୫.୩ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି)
- ଦୀର୍ଘ ଉତ୍ତରମୂଳକ ପରୀକ୍ଷଣ – ଏହି ପରୀକ୍ଷଣରେ ଥିବା ପ୍ରତ୍ୟେକ ପ୍ରଶ୍ନ ହୁଏତ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ କିମ୍ବା ସୀମିତ ଉତ୍ତରମୂଳକ ପ୍ରଶ୍ନ (ଏହି ଏକକର ୧୫.୩ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି) । ପୁନର୍ବାର ପରୀକ୍ଷଣରେ ଦିଆଯାଇଥିବା ପ୍ରଶ୍ନର ବିଭିନ୍ନ ପ୍ରକାରର ଉତ୍ତର ଅନୁସାରେ ପ୍ରଶ୍ନପତ୍ରକୁ ୩ ଭାଗରେ ବିଭକ୍ତ କରାଯାଇଛି ।
- ମୌଖିକ ପରୀକ୍ଷଣ - ପରୀକ୍ଷଣରେ ଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ମୌଖିକ ଭାବେ ଦିଆଯିବ । ଏହି ପ୍ରକାରର ପ୍ରଶ୍ନ ପ୍ରାଥମିକ ସ୍କୁଲର ଆରମ୍ଭ ବର୍ଷର ଶିକ୍ଷାର୍ଥୀମାନଙ୍କ ପାଇଁ ବ୍ୟବହାର କରାଯିବ ଏବଂ ଗୋଟିଏ ଧାରଣାରେ ଶିକ୍ଷାର୍ଥୀମାନଙ୍କର ବୋଧଗମ୍ୟତାକୁ ଦ୍ରୁତଗତିରେ ପରୀକ୍ଷା କରିବା ପାଇଁ ଏହି ପ୍ରକାରର ପରୀକ୍ଷଣର ଆବଶ୍ୟକତା ଅଛି ।
- ଲିଖିତ ପରୀକ୍ଷଣ - ପରୀକ୍ଷଣରେ ଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲିଖିତ ଆକାରରେ ଦିଆଯିବ ଏବଂ ଏହାକୁ ମଧ୍ୟ କାଗଜ –ପେନ୍‌ସିଲ ପରୀକ୍ଷଣ କୁହାଯାଏ । ଆମେ ସମସ୍ତେ ଏହି ପ୍ରକାରର ପରୀକ୍ଷଣ ସହିତ ସୁପରିଚିତ ଯେହେତୁ ଏହା ପ୍ରତ୍ୟେକ ଘଟଣାରେ ବ୍ୟବହାର କରାଯାଏ ।

ଟିପ୍ପଣୀ

- ପ୍ରଦର୍ଶନର ପରୀକ୍ଷଣ - ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବା ସମୟରେ ଶିକ୍ଷାର୍ଥୀମାନଙ୍କୁ କେତେକ କାର୍ଯ୍ୟକଳାପ କରିବାର ଆବଶ୍ୟକତା ପଡିଥାଏ ଯେପରି: ଦୈର୍ଘ୍ୟ, ପ୍ରସ୍ଥ, ଏବଂ ସାମର୍ଥ୍ୟର ମାପ, ଛବିର ଅଙ୍କନ, ଚିତ୍ରାଙ୍କନ, ଆବଶ୍ୟକ ରୂପରେଖ ପ୍ରସ୍ତୁତି ପାଇଁ ଖଣ୍ଡଗୁଡିକୁ ସଜାଇବା, ନମୁନା ପ୍ରସ୍ତୁତି ଇତ୍ୟାଦି ।

ଏହି ପ୍ରକାରର ପରୀକ୍ଷଣକୁ ବ୍ୟବହାର କରି ଶିକ୍ଷାର୍ଥୀମାନଙ୍କର ବୋଧ, ଦକ୍ଷତା ଏବଂ ସୃଜନଶୀଳତାର ବିକାଶର ମାନ ନିର୍ଦ୍ଧାରଣ କରିପାରିବା ।

ବେଳେବେଳେ ଗୋଟିଏ ଉପଳବ୍ଧ ପରୀକ୍ଷଣ ପାଇଁ ମଧ୍ୟ ବିଭିନ୍ନ ପ୍ରକାରର ପ୍ରଶ୍ନପତ୍ରର ବ୍ୟବହାର କରାଯାଇଥାଏ । ଏହି ପ୍ରକାରର ପରୀକ୍ଷଣରେ ଗୋଟିଏ ପ୍ରକାରର ପ୍ରଶ୍ନ ଅଲଗା ଅଲଗା ବିଭାଗରେ ଏକା ସାଙ୍ଗରେ ପ୍ରଶ୍ନପତ୍ର ଭିତରେ ରଖାଯିବ । ପ୍ରଶ୍ନପତ୍ରର ନିର୍ମାଣ ସମୟରେ ପରୀକ୍ଷଣରେ ବିଭିନ୍ନ ପ୍ରକାରର ପ୍ରଶ୍ନ ଅନ୍ତର୍ଭୁକ୍ତ ହେବା ବିଷୟରେ ଆମେ ବିଚାର କରିବା । ଗୋଟିଏ ଭଲ ପରୀକ୍ଷଣ ପତ୍ର ନିର୍ମାଣର ପଥ ବିଷୟରେ ଆମେ ଚିନ୍ତା କରିବା ।

ସପ୍ତମ ଶ୍ରେଣୀରେ ଆଦିତି "ଶକ୍ତିର ସଂରକ୍ଷଣ" ବିଷୟରେ ଶିକ୍ଷାଦାନ କରୁଥିଲେ । ପଢାଇବା ସମୟରେ ସେ ଅନୁଭବ କଲେ ଯେ କେତେକ ଶିକ୍ଷାର୍ଥୀ ବିଚଳିତ ଥିଲା ଭଳିଆ ଦେଖାଯାଉଥିଲେ । ତେଣୁ ସେ ଚାହିଁଲେ ସେହି ବିଷୟରେ ଶିକ୍ଷାର୍ଥୀଙ୍କର ବୋଧଗମ୍ୟତାକୁ ଶୀଘ୍ର ପରୀକ୍ଷା କରିବାକୁ । ଏହି ଉଦ୍ଦେଶ୍ୟ ପାଇଁ ସେ କେଉଁ ପ୍ରକାରର ପରୀକ୍ଷଣର ବ୍ୟବହାର କରିବେ ?

ଉତ୍ତମ ପରୀକ୍ଷଣର ପ୍ରସ୍ତୁତି:

ଯେତେବେଳେ ତୁମେ ପରୀକ୍ଷଣକୁ ବିଚାରକୁ ନେବ ତୁମେ ଉତ୍ତମ ପରୀକ୍ଷଣର ବ୍ୟବହାର କରିବା ଉଚିତ୍ । ନନ୍ଦିତା ଉଚ୍ଚ ପ୍ରାଥମିକ ଶ୍ରେଣୀରେ ପଢାଇଲାବେଳେ ଚିନ୍ତାକଲେ ଯେ ଗୋଟିଏ ଉତ୍ତମ ପରୀକ୍ଷଣ ବିଷୟ / ଏକକ / ପ୍ରସଙ୍ଗ ଜନିତ ଶିକ୍ଷଣର ଇଚ୍ଛାକୃତ ଉଦ୍ଦେଶ୍ୟଗତ କାର୍ଯ୍ୟ ସମ୍ପାଦନ କରିଥାଏ ସେହି ସମୟରେ ତାଙ୍କର ସହକର୍ମୀ ପ୍ରକାଶ ମତ ଦେଲେ ଯେ ପରୀକ୍ଷଣ ଉତ୍ତମ ହେବ ଯଦି ସେହି ପ୍ରଶ୍ନ ପତ୍ରରେ ଥିବା ପ୍ରଶ୍ନଗୁଡିକ ଅସ୍ପଷ୍ଟ ହୋଇନଥିବ ଏବଂ ପ୍ରତ୍ୟେକ ଶିକ୍ଷାର୍ଥୀମାନଙ୍କ ପାଇଁ ସ୍ପଷ୍ଟ ଥିବ । ଆଉ ଜଣେ ଶିକ୍ଷକ ଅମିନ ଅନୁଭବ କଲେ ପରୀକ୍ଷଣ ଉତ୍ତମ ହେବ ଯଦି ପ୍ରାପ୍ତ ନମ୍ବରରେ କୌଣସି ପ୍ରକାରର ପକ୍ଷପାତ ରହିବ ନାହିଁ କିମ୍ବା ଶିକ୍ଷାର୍ଥୀ ଓ ସେମାନଙ୍କର ଅଭିଭାବକମାନଙ୍କୁ ପରୀକ୍ଷଣର ଫଳାଫଳକୁ ଯଦି ସହଜରେ ଓ ଉଦ୍ଦେଶ୍ୟମୂଳକ ଭାବରେ ବୁଝାଇହେବ । ନନ୍ଦିତା, ପ୍ରକାଶ ଏବଂ ଅମିନ ଯାହା ଚିନ୍ତା କରୁଛନ୍ତି ସେଗୁଡିକ ଗୋଟିଏ ଉତ୍ତମ ପରୀକ୍ଷଣର ଲକ୍ଷଣ ଶିକ୍ଷକଙ୍କ ପାଇଁ ତାଙ୍କ ଶ୍ରେଣୀ କକ୍ଷରେ ଏହି ପରୀକ୍ଷଣର ବ୍ୟବହାର କରିବାପାଇଁ । ତେଣୁ ଗୋଟିଏ ପରୀକ୍ଷଣ ଅତି ସତର୍କ ଭାବରେ ପ୍ରସ୍ତୁତ କରିବା ଆବଶ୍ୟକ ଯାହା ଫଳରେ ଏହା ଗୋଟିଏ ଉତ୍ତମ ପରୀକ୍ଷଣର ଲକ୍ଷଣକୁ ପୂରଣ କରିପାରିବ ।

E4 : ଉତ୍ତମ ଶିକ୍ଷକ - ପ୍ରସ୍ତୁତ ପରୀକ୍ଷଣର ୪ଟି ଲକ୍ଷଣ ଲେଖ ।

ନିମ୍ନରେ ଦିଆଯାଇଥିବା ସୋପାନଗୁଡିକ ଗୋଟିଏ ଉତ୍ତମ ପରୀକ୍ଷଣର ପ୍ରସ୍ତୁତି ପାଇଁ ଆବଶ୍ୟକ ।

ଯୋଜନା, ପ୍ରଶ୍ନପତ୍ର ଲେଖିବା, ପ୍ରଶ୍ନଗୁଡିକୁ ଏକତ୍ରୀକରଣ ଓ ସଂଶୋଧନ କରିବା, ଏବଂ ଫଳାଫଳ ହିସାବ ପ୍ରକ୍ରିୟାର ପ୍ରସ୍ତୁତି

ଗୋଟିଏ ଉତ୍ତମ ପରୀକ୍ଷଣ ପାଇଁ ସନ୍ତୋଷଜନକ ଏବଂ ବ୍ୟାପକ ଯୋଜନା ଆବଶ୍ୟକତା ଅଛି । ଯୋଜନା ପ୍ରକ୍ରିୟା ନିମ୍ନରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଦେଇଥାଏ । ଯଥା:

ଟିପ୍ପଣୀ

- ଗୋଟିଏ ଶିକ୍ଷକ କ'ଣ କରିବାକୁ ଚାହେଁ ? (କ'ଣ ପାଇଁ ଶିକ୍ଷକ ଗୋଟିଏ ପରୀକ୍ଷଣର ବ୍ୟବହାର କରିବାକୁ ଚାହେଁ ?)
- କାହିଁକି ପରୀକ୍ଷଣର ପରିଚାଳନା କରାଯାଏ ? (ଏହା ପରୀକ୍ଷଣର ଉଦ୍ଦେଶ୍ୟକୁ ସୂଚିତ କରିଥାଏ ଯଥା: ଗୋଟିଏ ନିର୍ଦ୍ଦିଷ୍ଟ ଆବଶ୍ୟକୀୟ ଦକ୍ଷତାରେ ଥିବା ଶିକ୍ଷାର୍ଥୀମାନଙ୍କର ନିପୁଣତାକୁ ବିଚାର କରିବା ଏବଂ ଏହା ସହିତ ଶିକ୍ଷାର୍ଥୀମାନଙ୍କର ଜ୍ଞାନ, ଉପଲବ୍ଧି ଅନୁସାରେ ସେମାନଙ୍କର ଶ୍ରେଣୀଭୁକ୍ତ, ସେମାନଙ୍କର ଅସୁବିଧାର ନିଦାନ କରିବା ଇତ୍ୟାଦି)
- କ'ଣ ପରୀକ୍ଷା ହେବା ଦରକାର ? (ଯଥା ନିର୍ଦ୍ଦିଷ୍ଟ କରାଯାଇଥିବା ବିଷୟ ସମାପ୍ତ ହେବା ଦରକାର, ମୁଖ୍ୟ ଏକକର ଉଦ୍ଦେଶ୍ୟକୁ ତାଲିକାଭୁକ୍ତ, ଉଦ୍ଦେଶ୍ୟଗୁଡିକର ସଂଜ୍ଞା ନିରୂପଣ ଇତ୍ୟାଦି)

ପ୍ରଶ୍ନପତ୍ର ଲେଖିବା ପାଇଁ ଶିକ୍ଷକ ବିବରଣୀର ସାରଣୀ (table of specification) ପ୍ରସ୍ତୁତ କରିବା ନିହାତି ଆବଶ୍ୟକ (ଏହାକୁ ସାଧାରଣତଃ "ବ୍ଲୁ ପ୍ରିଣ୍ଟ" କୁହାଯାଏ ଯଥା ବିଷୟ ଦିଗ ଏବଂ ଉଦ୍ଦେଶ୍ୟର ଦିଗ ଦୁଇଟି ପଥରେ ସଜ୍ଜିତ କରାଯାଇଛି) ନିମ୍ନରେ ଦିଆଯାଇଥିବା ସପ୍ତମ ଶ୍ରେଣୀରେ ବିଜ୍ଞାନ ବହିର ଅମ୍ଳଜାନ ଏକକ ପାଇଁ ବିବରଣୀର ସାରଣୀ (table of specification)କୁ ଲକ୍ଷ୍ୟ କର ।

| ବିଷୟ | ଜ୍ଞାନ | ବୋଧ | ପ୍ରୟୋଗ | ଦକ୍ଷତା | ମୋଟ |
|---|---|---|---|---|---|
| ଭୌତିକ ଗୁଣ | ୮ | ୬ | ୬ | ୦ | ୨୦ |
| ରାସାୟନିକ ଗୁଣ | ୧୨ | ୯ | ୯ | ୦ | ୩୦ |
| ପ୍ରସ୍ତୁତି | ୦ | ୪ | ୦ | ୬ | ୧୦ |
| ବ୍ୟବହାର | ୧୬ | ୧୧ | ୯ | ୪ | ୪୦ |
| ମୋଟ | ୩୬ | ୩୦ | ୨୪ | ୧୦ | ୧୦୦ |

ଉତ୍ତମ ପ୍ରଶ୍ନ ପ୍ରସ୍ତୁତ କରିବା ପାଇଁ ଶିକ୍ଷକ ବିଷୟବସ୍ତୁ ସମ୍ପୂର୍ଣ୍ଣରୂପେ ଜାଣିବାର ଆବଶ୍ୟକତା ଅଛି, ପରୀକ୍ଷା କରାଯାଉଥିବା ଶିକ୍ଷାର୍ଥୀମାନଙ୍କୁ ବୁଝିବା ଓ ଜାଣିବା ଦରକାର, ବିଭିନ୍ନ ପ୍ରକାରର ପ୍ରଶ୍ନ ସହିତ ସୁପରିଚିତ ଏବଂ ବିବରଣୀର ସାରଣୀକୁ ଅନୁକରଣ କରିବା ଇତ୍ୟାଦି । ପ୍ରଶ୍ନ ପତ୍ର ଲେଖିସାରିଲା ପରେ ପ୍ରତ୍ୟେକ ପ୍ରଶ୍ନର ସମୀକ୍ଷାକରି ସେଗୁଡ଼ିକର ସଂଶୋଧନ କାର୍ଯ୍ୟ କରାଯିବା ଆବଶ୍ୟକ ଯଥାର୍ଥତା, ବ୍ୟବହାରଯୋଗ୍ୟତା, କାର୍ଯ୍ୟ ସମ୍ପାଦନ ପାଇଁ ସ୍ୱଷ୍ଟତା ଏବଂ ଭାଷା ଅନୁସାରେ ପ୍ରାପ୍ତ ତଥ୍ୟକୁ ଜାଣିବାର ପ୍ରକ୍ରିୟାକୁ ପ୍ରସ୍ତୁତ କରିବା ସହିତ ଗୋଟିଏ ଉତ୍ତମ ପରୀକ୍ଷଣକୁ କ୍ରିୟାଶୀଳ କରିବା ପାଇଁ ପ୍ରଶ୍ନ ପତ୍ରର ସାହାଯ୍ୟ ନିହାତି ଆବଶ୍ୟକ । ଉତ୍ତର ସୂଚୀ (scoring key)ପ୍ରସ୍ତୁତ କରିବାର ଆବଶ୍ୟକତା ଅଛି ଯେଉଁଟା ଶିକ୍ଷକମାନଙ୍କ ପାଖରେ ପ୍ରାପ୍ତାଙ୍କ (score) ପ୍ରସ୍ତୁତ କରିବା ସମୟରେ ସେମାନଙ୍କୁ ସାହାଯ୍ୟ କରିବ ।

### ୧୫.୨.୨ ଏକକ ପରୀକ୍ଷଣ

ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ପ୍ରତ୍ୟେକ ପାଠ୍ୟ ବିଷୟକୁ ଶିକ୍ଷାଦାନ ଓ ଶିକ୍ଷଣର ସୁବିଧା ଦୃଷ୍ଟିରୁ କେତୋଟି ଭାଗରେ ବିଭକ୍ତ କରାଯାଇଥାଏ ଏବଂ ପ୍ରତ୍ୟେକ ଭାଗକୁ ଗୋଟିଏ ପାଠ ଏକକ କୁହାଯାଏ । ଯେପରି ପ୍ରଥମ ଶ୍ରେଣୀ ଗଣିତ ପାଠ୍ୟକ୍ରମରେ ସଂଖ୍ୟା ପରିଚୟ, ଯୋଗ ବିୟୋଗ, ବିଭିନ୍ନ ଅଣମାନକ ଏକକ ଦ୍ୱାରା ମାପ ଆଦି ଗୋଟିଏ ଗୋଟିଏ ପାଠ ଏକକ ଅଟନ୍ତି । ସେହିପରି ପଞ୍ଚମ ଶ୍ରେଣୀ ସାହିତ୍ୟରେ ଥିବା ପ୍ରତ୍ୟେକ ପାଠକୁ ଗୋଟିଏ ଗୋଟିଏ ପାଠ ଏକକ ଭାବେ ବିଚାର କରାଯାଏ । ଗୋଟିଏ ବିଷୟରେ ପାଠ ଏକକଗୁଡ଼ିକରେ



ଟିପ୍ପଣୀ

ପରସ୍ପର ମଧ୍ୟରେ ଥିବା ସମ୍ପର୍କ ସ୍ୱାଭାବିକ ହୋଇଥିଲେ ମଧ୍ୟ ପ୍ରତ୍ୟେକ ପାଠ ଏକକକୁ ଯଥା ସମ୍ଭବ ଏକ ସ୍ୱୟଂସମ୍ପୂର୍ଣ୍ଣ ଏକକ ଭାବେ ମନେ କରାଯାଏ । କେତେକ ନିର୍ଦ୍ଦିଷ୍ଟ ଶିକ୍ଷଣ ଦକ୍ଷତା ହାସଲ କରିବା ପାଇଁ ଗୋଟିଏ ପାଠ ଏକକକୁ ସଙ୍ଗଠିତ କରାଯାଇଥାଏ । ଗୋଟିଏ ପାଠର ଶିକ୍ଷାଦାନ ପରେ ପୂର୍ବ ନିର୍ଦ୍ଦିଷ୍ଟ ଦକ୍ଷତାଗୁଡ଼ିକ ଶିକ୍ଷାର୍ଥୀମାନେ କେତେଦୂର ହାସଲ କରିଛନ୍ତି ତାହା ଜାଣିବା ଆବଶ୍ୟକ ହୋଇଥାଏ । ସେଥିପାଇଁ ଗୋଟିଏ ପାଠ ଏକକ ପରେ ଯେଉଁ ପରୀକ୍ଷଣ କରାଯାଏ ତାହାକୁ ସାଧାରଣତଃ ଏକକ ପରୀକ୍ଷଣ କୁହାଯାଏ । ଏହି ପରୀକ୍ଷଣରେ ବ୍ୟବହୃତ ପ୍ରଶ୍ନ ପତ୍ରକୁ ଏକକ ପ୍ରଶ୍ନପତ୍ର କୁହାଯାଇଥାଏ ।

ବାସ୍ତବତା ଦୃଷ୍ଟିରୁ ପାଠ ଏକକରେ ସନ୍ନିବିଷ୍ଟ ବିଷୟବସ୍ତୁର ପରିମାଣ, ଏଥିରେ ଆଶା କରାଯାଉଥିବା ଶିକ୍ଷଣ ଉପଲବ୍ଧି ବା ଦକ୍ଷତାର ପରିସରକୁ ବିଚାରକୁ ନେଇ ପରୀକ୍ଷଣର ବ୍ୟବସ୍ଥା କରାଯାଇଥାଏ । ପାଠ ଏକକ ଗୁଡ଼ିକ ଅତି ଛୋଟ ହୋଇଥିଲେ ଏକାଧିକ (୧ ବା ୩ଟି) ପାଠ ଏକକକୁ ନେଇ ଏକକ ପରୀକ୍ଷଣ କରାଯାଇପାରେ । ଅନ୍ୟପକ୍ଷରେ, ପାଠ ଏକକଟି ଅତି ଦୀର୍ଘ ଓ ଅଧିକ ଦକ୍ଷତା ଉପରେ ଆଧାରିତ ହୋଇଥିଲେ ଓ ଏହାର ଶିକ୍ଷାଦାନ ପାଇଁ ଅଧିକ ସମୟ ଆବଶ୍ୟକ ହେଉଥିଲେ ସେହି ପାଠ ପାଇଁ ଏକାଧିକ ଏକକ ପରୀକ୍ଷଣର ଆବଶ୍ୟକତା ଥାଏ ।

ଏକକ ପରୀକ୍ଷଣର ଆବଶ୍ୟକତା:

ଷାଣ୍ମାସିକ ଓ ବାର୍ଷିକ ପରୀକ୍ଷା ସହ ଆମେ ବେଶ୍ ପରିଚିତ । ଏହିସବୁ ପରୀକ୍ଷା ବ୍ୟବସ୍ଥା ଶିକ୍ଷଣ ଅଗ୍ରଗତି ଜାଣିବାପାଇଁ ଶିକ୍ଷା ବ୍ୟବସ୍ଥାରେ ରଖାଯାଇଛି । ଏପରି ବ୍ୟବସ୍ଥା ସବୁ ଚାଲିଥିବା ବେଳେ ଏକକ ପରୀକ୍ଷଣର ଆବଶ୍ୟକତା କ'ଣ ? ତ୍ରୈମାସିକ, ଷାଣ୍ମାସିକ ଓ ବାର୍ଷିକ ପରୀକ୍ଷା ଯଥାକ୍ରମେ ତିନିମାସ, ଛଅମାସ ଓ ଏକବର୍ଷ ବ୍ୟବଧାନରେ କରାଯାଇଥାଏ । ଏହି ସମୟ ମଧ୍ୟରେ ପଢ଼ାଯାଇଥିବା ସମସ୍ତ ବିଷୟବସ୍ତୁ ବା ଦକ୍ଷତାଗୁଡ଼ିକୁ ଆଧାର କରି ପରୀକ୍ଷା ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତ କରିବା ସମ୍ଭବ ହୋଇନଥାଏ । ଅର୍ଥାତ ଏହି ସମୟ ଅବଧି ମଧ୍ୟରେ ପଢ଼ାଯାଇଥିବା ପ୍ରତ୍ୟେକ ପାଠରୁ ଆଶା କରାଯାଉଥିବା ସମସ୍ତ ଶିକ୍ଷଣ ଫଳାଫଳର ମୂଲ୍ୟାୟନ ଏପରି ପରୀକ୍ଷା ଦ୍ୱାରା ସମ୍ଭବ ହୋଇନଥାଏ । ଏହି ସମୟ ମଧ୍ୟରେ ପଢ଼ାଯାଇଥିବା ପାଠରୁ କେତେକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଓ ଶିକ୍ଷଣ ଦକ୍ଷତା ଚୟନ କରାଯାଇ ସେହି ସବୁରେ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ଅଗ୍ରଗତିର ମୂଲ୍ୟାୟନ କରାଯାଇଥାଏ । ଏହାଦ୍ୱାରା ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ବହୁ ଶିକ୍ଷଣ ଦକ୍ଷତା ଓ ବିଷୟବସ୍ତୁରେ ଶିକ୍ଷାର୍ଥୀମାନଙ୍କର ଉପଲବ୍ଧିର ମୂଲ୍ୟାୟନ ସମ୍ଭବ ହୋଇନଥାଏ । ବାସ୍ତବ କ୍ଷେତ୍ରରେ ଏପରି ପରୀକ୍ଷଣ ସାମଗ୍ରିକ ଶିକ୍ଷଣରେ ସହାୟକ ହୋଇନଥାଏ ।

- ଏକକ ପରୀକ୍ଷଣ ସମ୍ବନ୍ଧରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଏହା ଗଠନମୂଳକ ଅଟେ । ଅର୍ଥାତ ଏହି ପରୀକ୍ଷଣର ଫଳାଫଳରୁ ଶିକ୍ଷାର୍ଥୀର ନିର୍ଦ୍ଦିଷ୍ଟ ଶିକ୍ଷଣ ଦକ୍ଷତା ହାସଲ କ୍ଷେତ୍ରରେ ଦୁର୍ବଳତା ବା ସାମର୍ଥ୍ୟ ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିଥାଏ । ଏହାଦ୍ୱାରା ଶିକ୍ଷାର୍ଥୀକୁ ଉଚିତ୍ ସମୟରେ ଆବଶ୍ୟକ ଶିକ୍ଷଣ ସହାୟତା ପ୍ରଦାନ କରି ଦେଖାଦେଇଥିବା ଦୁର୍ବଳତାକୁ ଦୂର କରିହୁଏ । ପ୍ରତିକାରମୂଳକ ଶିକ୍ଷାଦାନ ଠିକ୍‌ଭାବେ ଉଚିତ ଢଙ୍ଗରେ ପରିଚାଳନା କରିବା ସମ୍ଭବ ହୋଇପାରେ । ଫଳରେ ଶିକ୍ଷଣ ଦୃଢ଼ୀଭୂତ ହୋଇଥାଏ ।
- ଏକକ ପରୀକ୍ଷଣ ସୀମିତ ସଂଖ୍ୟକ ଦକ୍ଷତା ଓ ବିଷୟବସ୍ତୁ ଉପରେ ଆଧାରିତ ହୋଇଥିବାରୁ ଏହା ଅପେକ୍ଷାକୃତ ଭାବେ ଖୁବ୍ କମ୍ ସମୟରେ ସମ୍ପାଦନ କରାଯାଇଥାଏ । ଗୋଟିଏ ଏକକ ପରୀକ୍ଷଣ ପାଇଁ ହାରାହାରି ୩୦ -୪୦ ମିନିଟ୍ ସମୟ ବା ଗୋଟିଏ ପିରିଅଡ଼ର ଆବଶ୍ୟକ ହୋଇଥାଏ । ଷାଣ୍ମାସିକ ଓ ବାର୍ଷିକ ପରୀକ୍ଷା ପାଇଁ ଅଧିକ ସମୟ ଆବଶ୍ୟକ ହେଉଥିବାରୁ ସେହି ସମୟରେ

ଟିପ୍ପଣୀ

ବିଦ୍ୟାଳୟରେ ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟ ସମ୍ପୂର୍ଣ୍ଣଭାବେ ବାତିଲ କରାଯାଇଥାଏ । କିନ୍ତୁ ଏକକ ପରୀକ୍ଷଣ ପାଇଁ ସ୍ୱଳ୍ପ ସମୟ ଆବଶ୍ୟକ ହେଉଥିବାରୁ ଏହା ସାଧାରଣ ଶ୍ରେଣୀ ସମୟ ମଧ୍ୟରେ କରାଯାଇଥାଏ ଓ ସେହି ଦିନର ଅନ୍ୟ ସମୟରେ ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟ ଅବ୍ୟାହତ ରହିଥାଏ ।

ଏକକ ପରୀକ୍ଷଣର ଅନ୍ୟ ଉଦ୍ଦେଶ୍ୟ ବିଷୟରେ ଚିନ୍ତା କରାଯାଉ । ଅନ୍ୟ ଉଦ୍ଦେଶ୍ୟକୁ ଲେଖ ଏବଂ ତୁମର ସାଙ୍ଗମାନଙ୍କ ସହିତ ତୁମ ଧାରଣା /ଭାବନା ବିନିମୟ କର । ନିମ୍ନରେ ଦିଆଯାଇଥିବା ବାକ୍ସରେ ଏକକ ପରୀକ୍ଷଣ କିପରି ଅନ୍ୟମାନଙ୍କ ଠାରୁ ଭିନ୍ନ ସେ ବିଷୟରେ ବର୍ଣ୍ଣନା କରାଯାଇଛି ।

ବାକ୍ସ: ଏକକ ପରୀକ୍ଷଣର ବିଶେଷତ୍ୱ:

- ଏହା ସୀମିତ ଶିକ୍ଷଣ ଦକ୍ଷତା ବା ଉଦ୍ଦେଶ୍ୟ ଉପରେ ଆଧାରିତ ହୋଇଥାଏ ।
- ଏହି ପରୀକ୍ଷଣ ଖୁବ୍ କମ୍ ସମୟ ମଧ୍ୟରେ ସମ୍ପାଦନ କରିହୁଏ । ଆବଶ୍ୟକ ପଡିଲେ ଅନୌପଚାରିକ ଢଙ୍ଗରେ ଏପରି ପରୀକ୍ଷଣ କରାଯାଇପାରେ ଯାହା ଶ୍ରେଣୀର ସାଧାରଣ କାର୍ଯ୍ୟକ୍ରମ ଚାଲିଥିବା ମଧ୍ୟରେ ହୋଇପାରେ ଓ ସେଥିପାଇଁ ନିର୍ଦ୍ଦିଷ୍ଟ ସମୟସୀମାର ଆବଶ୍ୟକତା ନଥାଏ ।
- ଏହି ପରୀକ୍ଷଣରେ ସମୁଦାୟ ନମ୍ବର ମଧ୍ୟ ସୀମିତ ହୋଇଥାଏ । ଗୋଟିଏ ଏକକ ପରୀକ୍ଷଣରେ ସମୁଦାୟ ନମ୍ବର ୧୫ ରୁ ୨୫ ମଧ୍ୟରେ ହୋଇପାରେ । ଦକ୍ଷତା ବା ବିଷୟବସ୍ତୁର ପରିସରକୁ ଦୃଷ୍ଟିରେ ରଖି ଶିକ୍ଷକ ପରୀକ୍ଷଣର ଅବଧି, ପ୍ରଶ୍ନ ସଂଖ୍ୟା ଓ ସମୁଦାୟ ନମ୍ବର ନିଜେ ନିର୍ଦ୍ଧାରଣ କରନ୍ତି ।
- ଶିକ୍ଷକ ପ୍ରଶ୍ନର ଉତ୍ତର ଦେବାର ସମୟ ମଧ୍ୟ ସ୍ଥିର କରିବେ ଏବଂ ପରୀକ୍ଷଣରେ କେତେ ନମ୍ବରର ପ୍ରଶ୍ନ ରହିବ ତାହା ମଧ୍ୟ ସ୍ଥିର କରିବେ । ଏହା ସମ୍ପୂର୍ଣ୍ଣ ଭାବେ ଶିକ୍ଷକ ପ୍ରସ୍ତୁତ ପରୀକ୍ଷଣ ।
- ଏକକ ପରୀକ୍ଷଣରେ ବିଭିନ୍ନ ପ୍ରକାରର ପ୍ରଶ୍ନ ଯଥା – ମୌଖିକ, ଲିଖିତ, କାର୍ଯ୍ୟଭିତ୍ତିକ, ବସ୍ତୁନିଷ୍ଠ, ରଚନାତ୍ମକ ଆଦି ହୋଇପାରେ, କିନ୍ତୁ ଗୋଟିଏ ଏକକ ପରୀକ୍ଷଣରେ ପ୍ରଶ୍ନର ପ୍ରକାର ସୀମିତ ଥାଏ ।
- ଏକକ ପରୀକ୍ଷଣ ଶିକ୍ଷାର୍ଥୀମାନଙ୍କୁ ତାଙ୍କର ପ୍ରଦର୍ଶନ ଅନୁସାରେ ବିଭିନ୍ନ ସ୍ତରରେ ବିଭକ୍ତ କରାଯିବ ନାହିଁ ବରଂ ଏହା ଅତିରିକ୍ତ ଶିକ୍ଷଣ ପାଇଁ ସାଧନୀ ଭାବେ କାର୍ଯ୍ୟ କରିବ ।
- ଏପରି ପରୀକ୍ଷଣ ଅନୌପଚାରିକ ଢଙ୍ଗରେ ହେଉଥିବାରୁ ଶିକ୍ଷାର୍ଥୀମାନେ ଏଥିରେ ଅଧିକ ମାନସିକ ଚାପର ବଶବର୍ତ୍ତୀ ହୁଅନ୍ତି ନାହିଁ ଓ ସ୍ୱାଭାବିକ ଢଙ୍ଗରେ ଉତ୍ତର ଦେଇଥାନ୍ତି । ତଦ୍ୱାରା ସେମାନଙ୍କର ଦୋଷ ଦୁର୍ବଳତା ବା ସାମର୍ଥ୍ୟ ଜାଣିବା ଅପେକ୍ଷାକୃତ ସହଜସାଧ୍ୟ ହୋଇଥାଏ ।

ନିମ୍ନରେ ଦିଆଯାଇଥିବା କେଉଁଟି ଗୋଟିଏ ଏକକ ପରୀକ୍ଷଣ ସହିତ ସମ୍ପୃକ୍ତ ?

କ. ସମାପ୍ତିସୂଚକ ପରୀକ୍ଷଣ

ଖ. ଲକ୍ଷଣରେ ଗଠନାତ୍ମକ

ଗ. ସୀମିତ ସଂଖ୍ୟକ ଦକ୍ଷତାକୁ ଆବଦ୍ଧ କରିବା

ଘ. ଶିକ୍ଷକମାନଙ୍କ ଦ୍ୱାରା ସମସ୍ତ ନିୟନ୍ତ୍ରଣ

ଙ. ମାନକୀକୃତ ଉପଲବ୍ଧ ପରୀକ୍ଷଣ (standardized achievement tests)

ଚ. ପରବର୍ତ୍ତୀ ଉଚ୍ଚତର ଶ୍ରେଣୀକୁ ପଦୋନ୍ନତିର ନିଷ୍ପତ୍ତି ନେବ

ଛ. ପ୍ରତିକାରାତ୍ମକ ଉଦ୍ଦେଶ୍ୟ ପାଇଁ ବ୍ୟବହାର

ଜ. ଫଳାଫଳକୁ ଅଭିଭାବକଙ୍କୁ ଜଣାଇବା ପାଇଁ



ଟିପ୍ପଣୀ

ଗୋଟିଏ ଏକକ ପରୀକ୍ଷଣ ନିର୍ମାଣ କରିବାର ନିୟମ ଗୋଟିଏ ସମ୍ପୂର୍ଣ୍ଣ ଲମ୍ବା ପରୀକ୍ଷଣର ପ୍ରସ୍ତୁତିର ନିୟମ ସହିତ ସମାନ । ଯାହାହେଉ ନିମ୍ନରେ ଦିଆଯାଇଥିବା ବିନ୍ଦୁ ଗୁଡ଼ିକୁ ଲକ୍ଷ୍ୟ କର ।

- ଏକକ ପରୀକ୍ଷଣ ସୀମିତ ବିଷୟକୁ ଅନ୍ତର୍ଭୁକ୍ତ କରିଥାଏ ।
- ବିବରଣୀର ସାରଣୀ ବ୍ଲୁ ପ୍ରିଣ୍ଟ କୁ ଅନୁକରଣ କରିବାର ଆବଶ୍ୟକତା ଉପଲବ୍ଧି କରିଥାଏ ଯେଉଁଟା କି ଗୋଟିଏ ଅକ୍ଷରରେ ବିଷୟବସ୍ତୁର କ୍ଷେତ୍ର ଯେଉଁଥିରେ କି ବିଭିନ୍ନ ପ୍ରକାରର ପ୍ରଶ୍ନ (ମୌଖିକ, ଲିଖିତ ଏବଂ କାର୍ଯ୍ୟଭିତ୍ତିକ ପ୍ରକାରର ପ୍ରଶ୍ନ) ପ୍ରତିଫଳିତ କରିବାବେଳେ ଅନ୍ୟ ଅକ୍ଷରରେ ଶିକ୍ଷାଦାନ ସମ୍ବନ୍ଧୀୟ ଉଦ୍ଦେଶ୍ୟ (ଜ୍ଞାନ, ବୋଧ, ପ୍ରୟୋଗ ଓ ଦକ୍ଷତା) ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।
- ଗୋଟିଏ ନିର୍ଦ୍ଦିଷ୍ଟ ସମୟ ମଧ୍ୟ ଦେଇ ହେଉଥିବା ସୀମିତସଂଖ୍ୟକ ପ୍ରଶ୍ନର ଉତ୍ତର ଯେଉଁଟା କି ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ହେବ ।
- ପ୍ରତ୍ୟେକ ବିଷୟକୁ ନେଇ ପ୍ରଶ୍ନ ପ୍ରସ୍ତୁତ କରିସାରିବା ପରେ, ଶିକ୍ଷକ ସେଗୁଡ଼ିକୁ ସୁଶୃଙ୍ଖଳିତ ଭାବରେ ସଜାଇବେ ଏବଂ ଏହାପରେ ଅନୌପଚାରିକ ପରିବେଶରେ ଶିକ୍ଷାର୍ଥୀମାନଙ୍କର ପରୀକ୍ଷଣ ପରିଚାଳନା କରାଯିବ ।
- ପ୍ରାପ୍ତାଙ୍କ ଗଣନାର ଢାଞ୍ଚା ପିଲାମାନଙ୍କ ସହିତ ଆଲୋଚନା କରାଯିବ ଏବଂ ପରୀକ୍ଷଣ କାର୍ଯ୍ୟ ସମାପ୍ତ ପରେ ଏହାର ଅନ୍ତିମତା ଧାର୍ଯ୍ୟ କରାଯିବ ।

ନିମ୍ନରେ ଦିଆଯାଇଥିବା ବ୍ଲୁ ପ୍ରିଣ୍ଟକୁ ବିଶ୍ଳେଷଣ ଓ ଲକ୍ଷ୍ୟ କର

| ବିଷୟ / ଭାଷାଗତ ଦକ୍ଷତା | ମୌଖିକ | ଲିଖିତ | ପ୍ରଦର୍ଶନ | ମୋଟ |
|---|---|---|---|---|
| ବୋଧଗମ୍ୟତାର ସହିତ ପଠନ | | ୧(୩) | | ୩ |
| ପାଠକୁ ଅନର୍ଗଳ ଭାବେ କହିବା | ୧(୩) | | ୩ | |
| ବୋଧଶକ୍ତି | | ୩(୨) | ୬ | |
| ବ୍ୟାବହାରିକ ବ୍ୟାକରଣ | ୧(୫) | ୫ | | |
| ଅନ୍ୟ ପ୍ରସଙ୍ଗରେ ଭାଷାର ବ୍ୟବହାର | | ୨(୨) | ୪ | |
| ପ୍ରସଙ୍ଗରେ ଦିଆଯାଉଥିବା ପ୍ରକଳ୍ପ କାର୍ଯ୍ୟ | | | ୧(୪) | ୪ |
| ମୋଟ | ୬ | ୧୫ | ୬ | ୨୫ |

ପଞ୍ଚମ ଶ୍ରେଣୀର ଭାଷାର ଗୋଟିଏ ପ୍ରସଙ୍ଗ ପାଇଁ ବ୍ଲୁ ପ୍ରିଣ୍ଟ

ଓଡ଼ିଆ ଭାଷାରେ ଗୋଟିଏ ଗଦ୍ୟପାଠର ପ୍ରସଙ୍ଗକୁ ନେଇ ଏକକ ପରୀକ୍ଷଣ ପ୍ରସ୍ତୁତି ପାଇଁ ଏହି ବ୍ଲୁ ପ୍ରିଣ୍ଟ ନିର୍ମାଣ କରାଯିବ । ବନ୍ଧନୀ ବାହାରେ ଥିବାସଂଖ୍ୟା ପ୍ରଶ୍ନସଂଖ୍ୟାକୁ ସୂଚିତ କରୁଥିବା ବେଳେ ବନ୍ଧନୀଭିତରେ ଥିବା ସଂଖ୍ୟା ପ୍ରତ୍ୟେକ ପ୍ରଶ୍ନକୁ ଦିଆଯାଉଥିବା ନମ୍ବରକୁ ସୂଚାଉଛି । ଏହି ଏକକ ପରୀକ୍ଷଣରେ ମୌଖିକ, ଲିଖିତ ଏବଂ ପ୍ରଦର୍ଶନ ପ୍ରକାରର ପ୍ରଶ୍ନର ବ୍ୟବହାର କରାଯାଇଛି । ଗୋଟିଏ ପାଖରେ ବିଷୟ /ଭାଷା ଦକ୍ଷତାକୁ ସଜାଇବାବେଳେ ଭୂସମାନ୍ତର ରେଖାରେ ପ୍ରଶ୍ନର ପ୍ରକାରକୁ ସଜ୍ଜିତ କରାଯାଇଛି ।

ଟିପ୍ପଣୀ

**ଶିକ୍ଷଣ କାର୍ଯ୍ୟ -୧**

ତୁମ ରାଜ୍ୟର ପଞ୍ଚମ ଶ୍ରେଣୀର ଓଡିଆ ବହିରୁ ଯେକୌଣସି ପ୍ରସଙ୍ଗ ଗଦ୍ୟ ବିଷୟରୁ ନିଅ । ଉପରେ ଦିଆଯାଇଥିବା ବ୍ଲୁ ପ୍ରିଣ୍ଟ ଅନୁସାରେ ଗୋଟିଏ ପରୀକ୍ଷଣ ପତ୍ର ପ୍ରସ୍ତୁତ କର ।

## ୧୫.୩ ବିଭିନ୍ନ ପ୍ରକାରର ପରୀକ୍ଷଣ ପ୍ରଶ୍ନ ପ୍ରସ୍ତୁତି

ନିମ୍ନରେ ତିନି ପ୍ରକାରର ପରୀକ୍ଷଣ ପ୍ରଶ୍ନ ଦିଆଯାଇଛି । ଏହାକୁ ଯତ୍ନପୂର୍ବକ ପଢ ।

୧. ଗୋଟିଏ ଅଞ୍ଚଳର ଜନସଂଖ୍ୟା ବୃଦ୍ଧିକୁ ପ୍ରଭାବିତ କରୁଥିବା ଉତ୍ପାଦକ ଗୁଡିକ କ'ଣ କ'ଣ ?

୨. ଜୀବନ୍ତ ପ୍ରାଣୀର ଯେକୌଣସି ତିନୋଟି ଲକ୍ଷଣର ନାମ କୁହ ।

୩. ଭାରତର ରାଜଧାନୀର ନାମ କ'ଣ ?

ଉପରେ ଦିଆଯାଇଥିବା ତିନି ପ୍ରକାରର ପରୀକ୍ଷଣ ପ୍ରଶ୍ନ ଭିତରେ କୌଣସି ପ୍ରଭେଦ ତୁମେ ଲକ୍ଷ୍ୟ କରିଛ କି ?

ପ୍ରଥମ ପ୍ରଶ୍ନରେ ଶିକ୍ଷାର୍ଥୀମାନେ ଜନସଂଖ୍ୟା ବୃଦ୍ଧିପାଇଁ ସହାୟକାରୀ ଉପାଦାନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବର୍ଣ୍ଣନା କରିବେ । ଏହି ପ୍ରକାରର ପ୍ରଶ୍ନକୁ ରଚନାତ୍ମକ ପ୍ରଶ୍ନ ମଧ୍ୟ କୁହାଯାଏ । ଶିକ୍ଷାର୍ଥୀମାନଙ୍କୁ ଉତ୍ତରଦେବାପାଇଁ ଦିଆଯାଉଥିବା ସ୍ୱାଧୀନତାର ପରିମାଣ ଅନୁସାରେ ରଚନାତ୍ମକ ପ୍ରଶ୍ନକୁ ୨ ଭାଗରେ ବିଭକ୍ତ କରାଯାଇଛି । ଗୋଟିଏ ରଚନାତ୍ମକ ପ୍ରଶ୍ନ ଯେଉଁଟି ଅଧିକ ପରିମାଣର ବର୍ଣ୍ଣନାର ଆବଶ୍ୟକତା କରୁଛି ତାହାକୁ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ (ଉପରୋକ୍ତ ଉଦାହରଣରେ ଦିଆଯାଇଥିବା ପ୍ରଶ୍ନ ନମ୍ବର ୧) କୁହାଯାଏ । କିନ୍ତୁ ଉପରେ ଦିଆଯାଇଥିବା ୨ୟ ପ୍ରଶ୍ନରେ ଶିକ୍ଷାର୍ଥୀମାନଙ୍କୁ କେବଳ ଜୀବନ୍ତ ପ୍ରାଣୀର ୩ଟି ଲକ୍ଷଣ ବିଷୟରେ ଲେଖିବାକୁ କୁହାଯାଇଛି । ଏହି ପ୍ରକାରର ପ୍ରଶ୍ନକୁ ସୀମିତ ଉତ୍ତରମୂଳକ ପ୍ରଶ୍ନ କୁହାଯାଏ । ଅନ୍ୟଅର୍ଥରେ କହିବାକୁ ଗଲେ ୩ୟ ପ୍ରଶ୍ନ ଗୋଟିଏ ନିର୍ଦ୍ଦିଷ୍ଟ ଉତ୍ତର ଦରକାର କରୁଛି ଏବଂ ସେଥିପାଇଁ ଏହାକୁ ବସ୍ତୁନିଷ୍ଠ ପ୍ରଶ୍ନ ବୋଲି ନାମିତ କରାଯାଇଛି । ଆସ, ଏହି ଭାଗରେ ବିଭିନ୍ନ ପ୍ରକାରର ପରୀକ୍ଷଣ ପ୍ରଶ୍ନ ସମ୍ପର୍କରେ ବିଶେଷ ଆଲୋଚନା କରିବା ।

### ୧୫.୪.୧ ମୁକ୍ତ ଉତ୍ତରମୂଳକ ପ୍ରଶ୍ନର ଉତ୍ତର

ଏହି ପ୍ରକାରର ପ୍ରଶ୍ନକୁ ଜାଣିବା ପାଇଁ ନିମ୍ନରେ ଦିଆଯାଇଥିବା କାର୍ଯ୍ୟଟିକୁ କର ।

ଶିକ୍ଷଣ କାର୍ଯ୍ୟ – ୨

ନିମ୍ନସ୍ଥ ପ୍ରଶ୍ନଗୁଡିକୁ ପଢ

୧. ପରୀକ୍ଷାଗାରରେ ଅଙ୍ଗାରକାମ୍ଳ ଗ୍ୟାସ୍‌ର ପ୍ରସ୍ତୁତିକୁ ବର୍ଣ୍ଣନା କର ।

୨. ଏହି ଉକ୍ତିଟିର ସମାଲୋଚନା କିମ୍ବା ସମର୍ଥନ କର – "ଆଉରଙ୍ଗଜେବଙ୍କ ଶାସନ ନୀତି ଯୋଗୁଁ ଭାରତରେ ମୋଗଲ ସାମ୍ରାଜ୍ୟର ପତନ ଘଟିଥିଲା ।"

୩. ଉଦ୍‌ଜାନ ଗ୍ୟାସ୍‌ର ଯେକୌଣସି ଦୁଇଟି ଭୌତିକ ଧର୍ମ ଲେଖ ।

ଉପରୋକ୍ତ ତିନୋଟି ପ୍ରଶ୍ନ ଆଧାରରେ ନିମ୍ନସ୍ଥ ସାରଣୀକୁ ପୂରଣ କର – (ଯଦି ଉକ୍ତିଟି ଉପଯୁକ୍ତ ତେବେ ଠିକ୍ ଚିହ୍ନ (√) ଓ ଯଦି ଅନୁପଯୁକ୍ତ ତେବେ ସେହି ଉକ୍ତି ପାଖରେ ଭୁଲ୍ ଚିହ୍ନ (×)ଦିଅ)

ଟିପ୍ପଣୀ

ସାରଣୀ – ୧୫.୩

| କ୍ର.ସଂ | ଉକ୍ତି | ପ୍ରଶ୍ନ -୧ | ପ୍ରଶ୍ନ -୨ | ପ୍ରଶ୍ନ - ୩ |
|---|---|---|---|---|
| ୧ | ଉତ୍ତର ଦେବାରେ ସ୍ୱାଧୀନତା ଦେଇଥାଏ | | | |
| ୨ | ଉତ୍ତର ଦେଲାବେଳେ ଅନୁମାନ କରି କହିବା ସୁଯୋଗ ଖୁବ୍ କମ୍ ଥାଏ | | | |
| ୩ | ଅନେକ ସମ୍ଭାବ୍ୟ ଉତ୍ତର ଦେବାର ଦକ୍ଷତା ମାପିଥାଏ । | | | |
| ୪ | ଶିକ୍ଷାର୍ଥୀକୁ ଧାରଣାଗୁଡିକ ସଙ୍ଗଠିତ କରି ଲିଖିତ ଆକାରରେ ଉପସ୍ଥାପନା କରିବାକୁ ସକ୍ଷମ କରେ | | | |
| ୫ | ପ୍ରଶ୍ନର ଉତ୍ତର ଦେବା ପାଇଁ ଅନେକ ସମୟ ଦରକାର କରେ | | | |
| ୬ | ଶିକ୍ଷାର୍ଥୀର ସୃଜନଶକ୍ତିର ଦକ୍ଷତା ତାର ଉତ୍ତରରେ ପ୍ରତିଫଳିତ ହୁଏ | | | |
| ୭ | ପରୀକ୍ଷକଙ୍କ ମଧ୍ୟରେ ନମ୍ବର ଦେବାରେ ଭିନ୍ନତା ଆସିବ | | | |

ଯଦି ତୁମେ ଉପରୋକ୍ତ ତିନୋଟି ଜିନିଷକୁ ଏବଂ ସାରଣୀ – ୧୫.୩ର ଉତ୍ତରକୁ ବିଶ୍ଳେଷଣ କରିବ, ତୁମେ ଦେଖିବ ଯେ ପ୍ରଶ୍ନ-୧ ଓ ୨ ର ଧର୍ମଠାରୁ ପ୍ରଶ୍ନ -୩ର ଧର୍ମ ଅନେକ ଫରକ । ପ୍ରଥମ ଦୁଇଟିର ଉତ୍ତର ବର୍ଣ୍ଣନାତ୍ମକ (ମୁକ୍ତ ଉତ୍ତରମୂଳକ) ହେଲାବେଳେ ଶେଷଟିର ଉତ୍ତର ସୀମିତ ଅଟେ ।

ବର୍ଦ୍ଧିତ – ଉତ୍ତରମୂଳକ ପ୍ରଶ୍ନ ଗୁଡିକରେ ଶିକ୍ଷାର୍ଥୀକୁ ତାର ଉପସ୍ଥାପନା ପାଇଁ ଯଥେଷ୍ଟ ସମୟ ଦିଆଯାଏ । ଏହି ପ୍ରକାର ପ୍ରଶ୍ନ ଶିକ୍ଷାର୍ଥୀକୁ ଭାବିବାକୁ ଅନୁମତି ଦିଏ ଯାହା କି ସେମାନଙ୍କୁ ଯୁକ୍ତିଯୁକ୍ତ ଭାବେ ଭାବିବାକୁ ଓ ସେମାନଙ୍କ ନିଜ ଶୈଳୀରେ ସଙ୍ଗଠିତ କରିବାକୁ ସୁଯୋଗ ଦିଏ । ତେଣୁ ଏହି ପ୍ରକାର ପ୍ରଶ୍ନ ଜଟିଳ ବ୍ୟବହାର ଓ ଦକ୍ଷତାର ସଙ୍ଗଠନ ପାଇଁ ଶିକ୍ଷାର୍ଥୀକୁ ସହାୟକ ହୁଏ । ଏହା ମଧ୍ୟ ଶିକ୍ଷକଙ୍କୁ ଜଟିଳ ଦକ୍ଷତା ଯେପରିକି ବିଶ୍ଳେଷଣାତ୍ମକ ଦକ୍ଷତା ଧାରଣାର ସଙ୍ଗଠନ ସହିତ ବିଭିନ୍ନ ଧାରଣା ଓ ନିୟମକୁ ବୁଝିବାରେ ସହାୟକ ହୋଇଥାଏ ।

ଯଦିଓ ବର୍ଦ୍ଧିତ ଉତ୍ତରମୂଳକ ପ୍ରଶ୍ନଗୁଡିକର ଅଧିକ ଗୁରୁତ୍ୱ ଥାଏ ଏଗୁଡିକର କିଛି ଦୁର୍ବଳତା ମଧ୍ୟ ଥାଏ । ଏହି ଉତ୍ତରଗୁଡିକର ବସ୍ତୁନିଷ୍ଠତା ମାପିବା କଷ୍ଟକର କାରଣ ଶିକ୍ଷାର୍ଥୀମାନଙ୍କର ପ୍ରକାଶ କରିବାର ସ୍ୱାଧୀନତା ଅଧିକ ଥାଏ । ପରୀକ୍ଷକଙ୍କ ନିଜସ୍ୱ ଆକଳନ ନୀତି ଓ ମତ ଉପରେ ସ୍କୋର ନିର୍ଦ୍ଧାରଣ କରିବା ନିର୍ଭର କରିଥାଏ । ଏହି କାରଣରୁ ବିଭିନ୍ନ ପରୀକ୍ଷକ ସମାନ ଉତ୍ତର ପାଇଁ ଭିନ୍ନ ଭିନ୍ନ ନମ୍ବର ଦେଇଥାନ୍ତି । ଗୋଟିଏ ପରୀକ୍ଷାରେ ବର୍ଦ୍ଧିତ ମୂଳକ ପ୍ରଶ୍ନର ଶିକ୍ଷଣ ପରିଣାମ ପାଇଁ ବହୁତ କମ୍ ସୁଯୋଗ ଅଛି ।

E5 : ବର୍ଦ୍ଧିତମୂଳକ ପ୍ରଶ୍ନର ଯେକୌଣସି ଦୁଇଟି ଦୁର୍ବଳତା ଓ ସକ୍ଷମତା ଉଦାହରଣ ସହ ଲେଖ ।

E6 : ପ୍ରତ୍ୟେକ ସ୍କୁଲ ବିଷୟରେ ବର୍ଦ୍ଧିତମୂଳକ ପ୍ରଶ୍ନର ଦୁଇଟି ଉଦାହରଣ ଦିଅ ।

ଶ୍ରେଣୀ ଶିକ୍ଷକ ଗୁଣାତ୍ମକ ବର୍ଦ୍ଧିତମୂଳକ ପ୍ରଶ୍ନ ତିଆରି କରିପାରିବେ ଏବଂ ସେଗୁଡ଼ିକୁ ଶିକ୍ଷାର୍ଥୀମାନଙ୍କ ପରବର୍ତ୍ତୀ ଶିକ୍ଷଣରେ ବ୍ୟବହାର କରିପାରିବେ । ଏହି ପ୍ରକାର ପ୍ରଶ୍ନ ତିଆରି କଲାବେଳେ ନିମ୍ନସ୍ଥ ଦିଗଗୁଡ଼ିକୁ ଧ୍ୟାନ ଦେବା ଆବଶ୍ୟକ:

- ପ୍ରତି ପ୍ରଶ୍ନ ପାଇଁ ଉତ୍ତରର ମାତ୍ରା କେତେ ହେବ ନିଶ୍ଚିତ କରାଅ ।
- ଶିକ୍ଷାର୍ଥୀମାନଙ୍କୁ କିଛି ନିୟମାବଳୀ ଯେପରିକି ଉତ୍ତରରେ କେଉଁ ବିନ୍ଦୁ ଉପରେ ଗୁରୁତ୍ୱ ଦିଆଯିବ, କହିବାକୁ ହେବ ।
- ବିଭିନ୍ନ ଉତ୍ତରର ଯଥାର୍ଥତା ଅନୁଯାୟୀ ଶିକ୍ଷାର୍ଥୀମାନଙ୍କୁ ପ୍ରାକ୍ ସୂଚନା ଦିଅ ।

**୧୫.୩.୨ ସୀମିତ ଉତ୍ତରମୂଳକ ପ୍ରଶ୍ନ**

ଯେତେବେଳେ ଆମେ ଏକ ରଚନାତ୍ମକ ପ୍ରଶ୍ନର ଉତ୍ତରକୁ ସୀମିତ କରୁ, ଯେପରିକି ସଂକ୍ଷେପରେ ଲେଖ, ସେହି ପ୍ରଶ୍ନଗୁଡ଼ିକୁ ସୀମିତ ଉତ୍ତରମୂଳକ ପ୍ରଶ୍ନ କୁହାଯାଏ ।

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକୁ ଯତ୍ନ ସହକାରେ ପଢ଼:

୧. ତୁମର ପାଳିତ ପଶୁ ପ୍ରତି ତୁମର ମନୋଭାବ ୫୦ଟି ଶବ୍ଦରେ ବର୍ଣ୍ଣନା କର ।

୨. ରେଡ଼ିଓ ତୁଳନାରେ ଟେଲିଭିଜନର ଦୁଇଟି ଉପକାରିତା ଲେଖ ।

୩. ଭାରତରେ ଦାରିଦ୍ର୍ୟ ପାଇଁ ଉତ୍ତରଦାୟୀ ଥିବା କାରକ ଗୁଡ଼ିକୁ ବର୍ଣ୍ଣନା କର (ଯେକୌଣସି ୫ଟି) ।

୪. ତଳେ ଦିଆଯାଇଥିବା ସ୍ଥାନ ମଧ୍ୟରେ ବିଦ୍ୟାଳୟରେ ତୁମ ଅନୁପସ୍ଥିତିର କାରଣ ଦର୍ଶାଅ ।

୫. ନିମ୍ନସ୍ଥ ପ୍ରଶ୍ନଗୁଡ଼ିକର ଉତ୍ତର ଯଥା ଶୀଘ୍ର ଦିଅ (ପ୍ରତ୍ୟେକ ପ୍ରଶ୍ନ ପାଇଁ ୨ମିନିଟରୁ ଅଧିକ ନୁହେଁ) ।

କ. ବର୍ଷର କେଉଁ ମାସଗୁଡ଼ିକରେ ତୁମ ରାଜ୍ୟ ମୌସୁମୀ ଅନୁଭବ କରେ ?

ଖ. ବୃଷ୍ଟି ଛାୟା ଅଞ୍ଚଳ କ'ଣ ?

ଗ. ପାହାଡ଼ ଉପରକୁ ଚଢ଼ିଲେ ତୁମେ କାହିଁକି ଥଣ୍ଡା ଅନୁଭବ କରିବ ?

ତୁମେ ଲକ୍ଷ୍ୟ କରିବ ଯେ ପ୍ରଶ୍ନ ଗୁଡ଼ିକ ସୀମିତ କରିବା ଦ୍ୱାରା ଏହା ଛୋଟ ଏବଂ ଉତ୍ତର ଅଧିକ କେନ୍ଦ୍ରଭୂତ ହୋଇଥାଏ ।

- ୧ ଓ ୩ ପ୍ରଶ୍ନରେ ଉତ୍ତର ୫୦ଟି ଶବ୍ଦରେ ସୀମିତ ଅଛି ଏବଂ ୫ଟି ବାକ୍ୟରେ ସୀମିତ ଅଛି । ତେଣୁ ପିଲାମାନଙ୍କୁ ସେଇ ନିର୍ଦ୍ଦିଷ୍ଟ ସଂଖ୍ୟକ ଶବ୍ଦ କିମ୍ବା ବାକ୍ୟ ମଧ୍ୟରେ ସେମାନଙ୍କ ଉତ୍ତର ସଙ୍ଗଠିତ କରି ଏକାଠି କରିବାକୁ ହେବ ।
- ପ୍ରଶ୍ନ ୨ରେ ଉତ୍ତର କେବଳ ୨ଟି ଉପକାରିତାରେ ସୀମିତ ଅଛି ଯଦିଓ ସେମାନଙ୍କ ମଧ୍ୟରେ ଅଧିକ ପାର୍ଥକ୍ୟ ଅଛି ।
- ପ୍ରଶ୍ନ ୪ରେ ଉତ୍ତର ପାଇଁ ସ୍ଥାନ ୪ ଧାଡ଼ି ମଧ୍ୟରେ ସୀମିତ ଅଛି । ଶିକ୍ଷାର୍ଥୀଙ୍କୁ ପ୍ରଶ୍ନୋତ୍ତର ଫର୍ଦ୍ଦରେ ସେମାନଙ୍କ ଉତ୍ତର କେବଳ ସେଇ ଚାରି ଧାଡ଼ି ମଧ୍ୟରେ ହିଁ ଲେଖିବାକୁ ହେବ ।
- ପ୍ରଶ୍ନ ୫ରେ ଉତ୍ତର ଲେଖିବାର ସମୟ ୨ ମିନିଟ ପ୍ରଶ୍ନ ପିଛା ସୀମିତ ରଖାଯାଇଛି ।

ଯଦିଓ ପିଲାମାନଙ୍କୁ ପ୍ରକାଶ କରିବାର ସ୍ୱାଧୀନତା ଅଛି କିନ୍ତୁ ଉତ୍ତରକୁ ସୀମିତ ରଖାଯାଇଛି । ଏହି ସୀମିତ ଉତ୍ତରମୂଳକ ପ୍ରଶ୍ନଗୁଡ଼ିକୁ ସମୟ ପରିଚାଳନାରେ ଏବଂ ଉତ୍ତରକୁ ବସ୍ତୁନିଷ୍ଠ ଭାବେ ନମ୍ବର ଦେବାରେ ସହାୟକ ହୋଇଥାଏ । ଯଦି ଧ୍ୟାନପୂର୍ବକ ଗଠନ କରାଯାଏ, ସୀମିତ ଉତ୍ତରମୂଳକ ପ୍ରଶ୍ନଗୁଡ଼ିକ ଉଚ୍ଚତର ଶିକ୍ଷଣ ପରିଣାମ



ଟିପ୍ପଣୀ

ଯେପରିକି ବୋଧଶକ୍ତି, ପ୍ରୟୋଗ, ବିଶ୍ଳେଷଣ, ସଂଶ୍ଳେଷର ମୂଲ୍ୟ ନିର୍ଦ୍ଧାରଣ ଓ ସୃଜନଶୀଳତାକୁ ମାପ କରିବାର ସାଧନୀ ରୂପେ ବ୍ୟବହାର କରାଯାଇପାରିବ ।

E7 : ଶିକ୍ଷଣ ପରିଣାମ ଆକଳନ କଲାବେଳେ, ଅନ୍ୟ ପ୍ରଶ୍ନ ତୁଳନାରେ ବର୍ଦ୍ଧିତ ଉତ୍ତରମୂଳକ ପ୍ରଶ୍ନର ୩ଟି ଉପକାରିତା ଦର୍ଶାଅ ।

E8 : ବର୍ଦ୍ଧିତ-ଉତ୍ତରମୂଳକ ପ୍ରଶ୍ନର ଭିନ୍ନ ସ୍କୋର ପାଇଁ ୩ଟି କାରଣ ଦର୍ଶାଅ ।

E9 : ରଚନାତ୍ମକ ପ୍ରଶ୍ନଗୁଡିକୁ ସୀମିତ ଉତ୍ତରମୂଳକ କରିବା ପାଇଁ କେତେ ପ୍ରକାର ସୀମିତତା ରଖାଯାଇପାରେ ?

**୧୫.୩.୩ ବସ୍ତୁନିଷ୍ଠ ପ୍ରଶ୍ନ**

ନିମ୍ନସ୍ଥ ପ୍ରଶ୍ନଗୁଡିକୁ ପଢ ।

କ. ୭ +୬ +୩ ର ମୂଲ୍ୟ ନିର୍ଣ୍ଣୟ କର ।

ଖ. ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ କିଏ ?

ଗ. ଭାରତ କେଉଁ ମସିହାରେ ସ୍ୱାଧୀନ ହୋଇଥିଲା ?

ଆମେ ଏହି ପ୍ରକାରର ପ୍ରଶ୍ନ ସହିତ ଅତି ପରିଚିତ । ଏହି ପ୍ରକାର ପ୍ରଶ୍ନ ସାଧାରଣତଃ ପରୀକ୍ଷାରେ ବ୍ୟବହୃତ ହୁଏ । ଏହି ପ୍ରଶ୍ନ ଗୁଡିକର ଉତ୍ତର ନିର୍ଦ୍ଦିଷ୍ଟ ଓ ଅନନ୍ୟ ତେଣୁ ଏଗୁଡିକ ବସ୍ତୁନିଷ୍ଠ ଭାବେ ସ୍କୋର କରାଯାଏ । କାରଣ ଏହି ପ୍ରଶ୍ନଗୁଡିକ ବସ୍ତୁନିଷ୍ଠ ଭାବେ ସ୍କୋର କରାଯାଉଥିବାରୁ ଏହାକୁ ବସ୍ତୁନିଷ୍ଠ ପ୍ରଶ୍ନ କୁହାଯାଏ ।

ବସ୍ତୁନିଷ୍ଠ ପ୍ରଶ୍ନଗୁଡିକୁ ଶିକ୍ଷାର୍ଥୀମାନଙ୍କ ପାଇଁ ଗଠନ କରିବା ଅତି କଷ୍ଟକର ଯାହାକି ସେମାନଙ୍କର ଉତ୍ତରକୁ ଏକ ଶବ୍ଦରେ, କେତେକ ଶବ୍ଦରେ ଏକ ସଙ୍କେତରେ କିମ୍ବା କେତେକ ବିକଳ୍ପମଧ୍ୟରୁ ଗୋଟିକୁ ବାଛିବାକୁ ହୁଏ । ସାଧାରଣତଃ ବସ୍ତୁନିଷ୍ଠ ପ୍ରଶ୍ନଗୁଡିକୁ ଉତ୍ତର କରିବାରେ କମ୍ ସମୟ ଲାଗିଥାଏ ଏବଂ ଅନନ୍ୟଭାବେ ସ୍କୋର କରାଯାଏ ସୀମିତ ଉତ୍ତରମୂଳକ ପ୍ରଶ୍ନ ଅପେକ୍ଷା ।

ଶିକ୍ଷକ ନିର୍ମିତ ପରୀକ୍ଷା ଯଥା ଏକକ ପରୀକ୍ଷାରେ ସାଧାରଣତଃ ବିଭିନ୍ନ ପ୍ରକାରର ବସ୍ତୁନିଷ୍ଠ ପ୍ରଶ୍ନ ବ୍ୟବହାର କରାଯାଏ । ବିଭିନ୍ନ ବସ୍ତୁନିଷ୍ଠ ପ୍ରଶ୍ନ ବିଷୟରେ ତୁମର ସ୍ପଷ୍ଟ ଧାରଣା ହେବା ଆବଶ୍ୟକ ।

ନିମ୍ନଲିଖିତ ପ୍ରଶ୍ନଗୁଡିକୁ ଦେଖ ।

୧. ଶୂନ୍ୟସ୍ଥାନ ପୂରଣ କର ।

ଗ୍ରାମପଞ୍ଚାୟତର ସଭ୍ୟମାନେ ______ ବର୍ଷ ପାଇଁ ନିର୍ବାଚିତ ହୁଅନ୍ତି ।

୨. ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।

ଗ୍ରାମପଞ୍ଚାୟତର ସଭ୍ୟମାନେ ବର୍ଷ ପାଇଁ ନିର୍ବାଚିତ ହୁଅନ୍ତି । (୩, ୪, ୫, ୬)

ପ୍ରଶ୍ନ ୧ରେ ଶିକ୍ଷାର୍ଥୀଙ୍କୁ ପ୍ରସଙ୍ଗ ମଧ୍ୟରୁ ମନେପକାଇ ଉତ୍ତର ଲେଖିବାକୁ ହେବ । କିନ୍ତୁ ପ୍ରଶ୍ନ -୨ ରେ ତାଙ୍କୁ ବନ୍ଧନୀ ମଧ୍ୟରେ ଥିବା ବିକଳ୍ପ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛିବାକୁ ହେବ । ତେଣୁ ଦ୍ୱିତୀୟଟି ନିର୍ବାଚନ ଗତ ପ୍ରଶ୍ନ ହେଲାବେଳେ ପ୍ରଥମଟି ଯୋଗାଣ ମୂଳକ ପ୍ରଶ୍ନ । ଚାଲ ବିଭିନ୍ନ ପ୍ରକାରର ବସ୍ତୁନିଷ୍ଠ ପ୍ରଶ୍ନ ଉଦାହରଣ ସହ ଆଲୋଚନା କରିବା ।

ଟିପ୍ପଣୀ

(କ) ସ୍ୱଳ୍ପ ଉତ୍ତରମୂଳକ ପ୍ରଶ୍ନ

ସ୍ୱଳ୍ପ ଉତ୍ତରମୂଳକ ପ୍ରଶ୍ନଗୁଡିକ ବିଭିନ୍ନ ପ୍ରକାରର ସମ୍ପର୍କିତ ସରଳ ଶିକ୍ଷଣ ପରିଣାମଗୁଡ଼ିକୁ ମାପିବାରେ ବ୍ୟବହାର ହୁଏ । ଏହି ପ୍ରଶ୍ନଗୁଡ଼ିକୁ ସିଧା ପ୍ରଶ୍ନ ବୋଲି ବିବେଚନା କରାଯାଏ । ଏଠାରେ କେତେକ ଉଦାହରଣ ଦିଆଯାଇଛି ।

- ବୃଷ୍ଟିପାତର ପରିମାଣ ମାପିବା ପାଇଁ କେଉଁ ଯନ୍ତ୍ର ବ୍ୟବହାର କରାଯାଏ ?
- ଯଦି ୧୦ଟି କଲମର ମୂଲ୍ୟ ୪୫ ଟଙ୍କା ହୁଏ, ତେବେ ଗୋଟିଏ କଲମ କିଣିବାକୁ କେତେ ଟଙ୍କା ଦେବାକୁ ହେବ ?
- ପ୍ରଥମ ପାନିପଥ ଯୁଦ୍ଧ କେଉଁ ମସିହାରେ ହୋଇଥିଲା ?

ଉପରୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ହେଲେ ଶିକ୍ଷାର୍ଥୀଙ୍କୁ ତଥ୍ୟଗୁଡ଼ିକୁ ମନେ ପକାଇବାକୁ ହେବ । ସ୍ୱଳ୍ପ ଉତ୍ତରମୂଳକ ପ୍ରଶ୍ନଗୁଡିକ ସାଧାରଣତଃ ଶିକ୍ଷାର୍ଥୀର ତଥ୍ୟ, ନିୟମ ଓ ପରିଭାଷା ଆକଳନ କରିବାକୁ ବ୍ୟବହୃତ ହୁଏ । ଶିକ୍ଷକଙ୍କୁ ସ୍ୱଳ୍ପ ଉତ୍ତରମୂଳକ ପ୍ରଶ୍ନ ତିଆରି କରିବା ସହଜ ହୋଇଥାଏ । ଏହି ପ୍ରକାରର ପ୍ରଶ୍ନ ତିଆରିବେଳେ ଭାଷାର ବ୍ୟବହାର ଓ ବାକ୍ୟରେ ସନ୍ଦେହ ଦୂରୀଭୂତ ପାଇଁ ଶବ୍ଦର ସଂରଚନା ପ୍ରତି ଧ୍ୟାନ ଦେବାକୁ ହୁଏ ।

(ଖ) ସମାପନ ପ୍ରଶ୍ନ

କିଛି ପ୍ରଶ୍ନରେ ଶିକ୍ଷାର୍ଥୀମାନଙ୍କୁ ଅସମ୍ପୂର୍ଣ୍ଣ ଉକ୍ତିକୁ ସମ୍ପୂର୍ଣ୍ଣ କରିବାକୁ ହୋଇଥାଏ । ଏହା ଅନ୍ୟ ଏକ ପ୍ରକାରର ସ୍ୱଳ୍ପ ଉତ୍ତରମୂଳକ ପ୍ରଶ୍ନ । ଏଠାରେ କିଛି ଉଦାହରଣ ଦିଆଗଲା:

- ଭାରତରେ ସଂସଦର ସଭ୍ୟମାନେ ________ ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି ।
- ଉଦ୍ଭିଦମାନଙ୍କର ଖାଦ୍ୟପ୍ରସ୍ତୁତିର ପ୍ରଣାଳୀକୁ କ'ଣ କୁହାଯାଏ
- ଏକ ସମବାହୁ ତ୍ରିଭୁଜର ପ୍ରତ୍ୟେକ କୋଣର ପରିମାଣ ________

ଉପରୋକ୍ତ ପ୍ରତ୍ୟେକ ପ୍ରଶ୍ନ ହେଉଛି ଯୋଗାଣମୂଳକ ପ୍ରଶ୍ନ ଯେଉଁଥିରେ ଶିକ୍ଷାର୍ଥୀଙ୍କୁ ଏକ ଅସମ୍ପୂର୍ଣ୍ଣ ଉକ୍ତିକୁ ସମ୍ପୂର୍ଣ୍ଣ କରିବାକୁ ସଠିକ ଉତ୍ତରଟି ଯୋଗାଇବାକୁ ହେବ । ସାଧାରଣତଃ ଏକ ଖାଲି ସ୍ଥାନ ପ୍ରତ୍ୟେକ ପ୍ରଶ୍ନରେ ଥାଏ ଏବଂ ପ୍ରାୟତଃ ତାହା ବାକ୍ୟର ଶେଷଆଡକୁ ଥାଏ । ବାକ୍ୟର ପ୍ରଥମରେ କୌଣସି ଶୂନ୍ୟସ୍ଥାନ ରହେ ନାହିଁ । ନିୟମ ଅନୁସାରେ ତୁମେ ଏହି ପ୍ରଶ୍ନରେ ଲମ୍ବା କିମ୍ବା ଜଟିଳ ବାକ୍ୟ ବ୍ୟବହାର କରିବା ଉଚିତ ନୁହେଁ ।

(ଗ) ଠିକ୍ – ଭୁଲ କିମ୍ବା ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ

ନିମ୍ନସ୍ଥ ପ୍ରଶ୍ନଗୁଡିକୁ ଦେଖ । ପ୍ରତ୍ୟେକ ଉକ୍ତିକୁ ଧ୍ୟାନପୂର୍ବକ ପଢ । ଠିକ୍ ଉକ୍ତିଟି ପାଖରେ (T) ଚାରିପଟେ ଏବଂ ଭୁଲ ଉକ୍ତିଟି ପାଖରେ (F) ଚାରିପଟେ ଗୋଲ ବୁଲାଅ ।

- ୧୬୯ ର ବର୍ଗମୂଳ ୧୩ ଅଟେ । T F
- ଦ୍ୱିତୀୟ ବିଶ୍ୱଯୁଦ୍ଧ ୧୯୩୯ ମସିହାରେ ଶେଷ ହୋଇଥିଲେ । T F
- ପ୍ରତ୍ୟେକ ବର୍ଗଚିତ୍ର ଏକ ଆୟତଚିତ୍ର କିନ୍ତୁ ପ୍ରତ୍ୟେକ ଆୟତଚିତ୍ର ଏକ ବର୍ଗଚିତ୍ର ନୁହେଁ । T F
- "wings of fire" ପୁସ୍ତକଟିର ରଚୟିତା (Dr. Manmohan Singh) T F

ଏଠାରେ ଶିକ୍ଷାର୍ଥୀଙ୍କୁ ଉକ୍ତିର ସଠିକତା କିମ୍ବା ମିଥ୍ୟା ବିଚାର କରିବାକୁ ହେବ । ଠିକ୍ –ଭୁଲ ପ୍ରଶ୍ନର ଅନ୍ୟ ପ୍ରକାର ହେଲା ସତ୍ୟ - ମିଥ୍ୟା, ହଁ-ନାହିଁ । ଯେହେତୁ ଉତ୍ତରର ମନୋନୟନ ଦୁଇଟି ଉତ୍ତର ମଧ୍ୟରେ ସୀମିତ, ତେଣୁ ଉତ୍ତର ଦାତାର ସର୍ବନିମ୍ନ ପସନ୍ଦ ଥାଏ ଏବଂ ସେ ଦୁଇଟି ମଧ୍ୟରୁ ଗୋଟିକୁ ବାଛିବାକୁ ବାଧ୍ୟ ।

ଟିପ୍ପଣୀ

ସେଥିପାଇଁ ଏହି ପ୍ରକାର ପ୍ରଶ୍ନକୁ ବଳପୂର୍ବକ ପସନ୍ଦ ପ୍ରଶ୍ନ କୁହାଯାଏ । ତଥ୍ୟଭିତ୍ତିକ ଜ୍ଞାନକୁ  ବୋଧ , ପ୍ରୟୋଗ, ଦକ୍ଷତା ଓ ସମସ୍ୟା ସମାଧାନ ଦକ୍ଷତାକୁ ଏହି ପ୍ରକାର ପ୍ରଶ୍ନ ମାଧ୍ୟମରେ ପରୀକ୍ଷା କରାଯାଏ ଏବଂ ଛୋଟ ପିଲାମାନଙ୍କ ପାଇଁ ଏହା ଅଧିକ ଆବଶ୍ୟକ । କିନ୍ତୁ ଏହା ଦ୍ୱାରା ଅନୁମାନ କରି କହିବା ଏବଂ ଶୀଘ୍ର ବସ୍ତୁନିଷ୍ଠ ଭାବେ ବିଶ୍ୱସନୀୟ ଭାବେ ସ୍କୋର କରିବା ପାଇଁ ସୁଯୋଗ ମିଳେ ।

ଶିକ୍ଷଣ କାର୍ଯ୍ୟ -୩

ଅତି କମ୍‌ରେ ୧୦ଟି ଠିକ୍ – ଭୁଲ ପ୍ରଶ୍ନ ତୁମ ସାମାଜିକ ବିଜ୍ଞାନ ବହିର ଯେକୌଣସି ଗୋଟିଏ ପ୍ରସଙ୍ଗରୁ ତିଆରି କର ।

ଉପରୋକ୍ତ କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରିବା ପରେ (୧୦ଟି ଠିକ୍, ଭୁଲ ପ୍ରଶ୍ନ ତିଆରି) ନିମ୍ନରେ ଦିଆଯାଇଥିବା ନୀତି ଅନୁଯାୟୀ ପ୍ରଶ୍ନଗୁଡ଼ିକର ସତ୍ୟତା ପ୍ରତିପାଦନ କର:

କ. ପ୍ରତ୍ୟେକ ପ୍ରଶ୍ନକୁ ସ୍ପଷ୍ଟ, ସରଳ ଭାଷାରେ ପ୍ରକାଶ କରାଯାଇଛି କି ?

ଖ. ତୁମେ ପାଠ୍ୟପୁସ୍ତକ ଭାଷାକୁ ବ୍ୟବହାର କରିଛ କି ?

ଗ. ଏହି ଉକ୍ତିଗୁଡ଼ିକରେ ନିର୍ଦ୍ଦିଷ୍ଟ ନିର୍ଦ୍ଧାରକ ଯେପରି "ସମସ୍ତ", "ଅନେକ", "ବେଳେବେଳେ", "ସାଧାରଣତଃ" ଏବଂ "ସର୍ବଦା" ଗୁଡ଼ିକୁ ପରିହାର କରାଯାଇଛି କି ?

ଘ. ତୁମେ ଆଂଶିକ ଠିକ୍ ଓ ଆଂଶିକ ଭୁଲ୍ ପରି କିଛି ଉକ୍ତି ନେଇଥିଲ କି ?

ଙ. ଉକ୍ତିଟିରେ ଦ୍ୱି-ନାସ୍ତିବାଚକ ଶବ୍ଦ ଥିଲା କି ?

ଚ. ସେଥିରେ ପାଖାପାଖି ସମାନ ସଂଖ୍ୟକ ଠିକ୍ ଓ ଭୁଲ ପ୍ରଶ୍ନ ଥିଲା କି ?

ଛ. ପ୍ରତ୍ୟେକ ପ୍ରଶ୍ନ ସ୍ପଷ୍ଟଭାବେ ଠିକ୍  କିମ୍ବା ଭୁଲ ଥିଲା କି ?

ଜ. ପ୍ରତ୍ୟେକ ପ୍ରଶ୍ନର ଦୈର୍ଘ୍ୟ ସମାନ ଥିଲା କି ?

ଝ. ଶିକ୍ଷାର୍ଥୀମାନଙ୍କୁ ଦିଆଯାଇଥିବା ସୂଚନା ସ୍ପଷ୍ଟ ଥିଲା କି ?

ଠିକ –ଭୁଲ ପ୍ରଶ୍ନ ତିଆରି କଲାବେଳେ ତୁମେ ଉପରୋକ୍ତ (କ, ଚ, ଛ,ଜ,ଝ) ର ନୀତିଗୁଡ଼ିକୁ ସ୍ପଷ୍ଟ ହେବା ଉଚିତ ଏବଂ (ଖ, ଗ, ଘ, ଙ) ର ନୀତିକୁ ପରିହାର କରିବା ଉଚିତ ।

ବହୁବିକଳ୍ପ ପ୍ରଶ୍ନ - ନିମ୍ନସ୍ଥ ପ୍ରଶ୍ନ ଗୁଡ଼ିକୁ ଦେଖ

ନିମ୍ନସ୍ଥ ମଧ୍ୟରୁ କେଉଁ ସଂଖ୍ୟାଟି ଏକ ବର୍ଗସଂଖ୍ୟା ?

କ - ୨

ଖ – ୪

ଗ - ୬

ଘ – ୧୦

ବର୍ତ୍ତମାନ ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

- ଠିକ ଭୁଲ ପ୍ରଶ୍ନଠାରୁ ଏହି ପ୍ରଶ୍ନଗୁଡ଼ିକ କେଉଁ ଦିଗରୁ ଭିନ୍ନ ?
- ଠିକ ଭୁଲ ପ୍ରଶ୍ନଠାରୁ ଏହି ପ୍ରକାର ପ୍ରଶ୍ନ ଭଲ କି ? କାହିଁକି ?
- ଶିକ୍ଷାର୍ଥୀଙ୍କ ଶିକ୍ଷଣ ଅଗ୍ରଗତି ଜାଣିବା ପାଇଁ ତୁମେ ତୁମ ଶ୍ରେଣୀରେ ଏହି ପ୍ରକାର ପ୍ରଶ୍ନ ବ୍ୟବହାର କରିଛ କି ?

ଏହି ପ୍ରକାର ପ୍ରଶ୍ନ ଏକ ବହୁ-ବିକଳ୍ପ ପ୍ରଶ୍ନ ଏବଂ ତୁମେ ଏହି ପ୍ରକାରର ପ୍ରଶ୍ନ ତୁମ ପାଠ୍ୟପୁସ୍ତକରେ ଦେଖିଥିବା ଏହି ପ୍ରଶ୍ନଗୁଡ଼ିକରେ

ଟିପ୍ପଣୀ

- ଗୋଟିଏ ସମସ୍ୟା ଓ ଅନେକ ସମ୍ଭାବ୍ୟ ସମାଧାନର ସୂଚୀ ଥାଏ । ଠିକ ବିକଳ୍ପଟି ହେଉଛି ଉତ୍ତର ଏବଂ ଅନ୍ୟ ଗୁଡିକ ବିଭ୍ରାନ୍ତ
- ସମସ୍ୟାଟି ଏକ ସିଧାସଳଖ ପ୍ରଶ୍ନ ହୋଇପାରେ ଯାହାକି ସମ୍ପୂର୍ଣ୍ଣ କିମ୍ବା ଅସମ୍ପୂର୍ଣ୍ଣ ଥାଇପାରେ । ପ୍ରତ୍ୟେକଟିର ଉଦାହରଣ ନିମ୍ନରେ ଦିଆଗଲା –

| ସିଧାସଳଖ ପ୍ରଶ୍ନ | ସମ୍ପୁର୍ଣ୍ଣ ଉକ୍ତି | ଅସମ୍ପୂର୍ଣ୍ଣ ଉକ୍ତି |
|---|---|---|
| କେଉଁ ମସିହାରେ ଭାରତ ସ୍ୱାଧୀନ ହେଲା ?<br>କ. ୧୮୫୭<br>ଖ. ୧୯୧୯<br>ଗ. ୧୯୪୭<br>ଘ. ୧୯୫୦ | ବର୍ଷଟିର ନାମ କୁହ ଯେତେବେଳେ ଭାରତ ସ୍ୱାଧୀନ ହୋଇଥିଲା ?<br>କ. ୧୮୫୭<br>ଖ. ୧୯୧୯<br>ଗ. ୧୯୪୭<br>ଘ. ୧୯୫୦ | ଭାରତ ମସିହାରେ ସ୍ୱାଧୀନ ହେଲା ?<br>କ. ୧୮୫୭<br>ଖ. ୧୯୧୯<br>ଗ. ୧୯୪୭<br>ଘ. ୧୯୫୦ |

ଉପରୋକ୍ତ ପ୍ରଶ୍ନରେ ୧୯୪୭ ହେଉଛି ସଠିକ ଉତ୍ତର ଏବଂ ୧୯୫୭, ୧୯୧୯ ଓ ୧୯୫୦ ହେଉଛି ବିଭ୍ରାନ୍ତ । ଗୋଟିଏ ସଠିକ ଉତ୍ତର ବଦଳରେ ତୁମେ ବହୁବିକଳ୍ପ ପ୍ରଶ୍ନର (ଭଲ ଉତ୍ତର ବିଶିଷ୍ଟ) ବ୍ୟବହାର କରିପାରିବ । ନିମ୍ନସ୍ଥ ଉଦାହରଣଟି ତୁମକୁ ବୁଝିବାରେ ସହାୟକ ହେବ ।

ଏକ ସହରକୁ ରାଜ୍ୟର ରାଜଧାନୀ ଭାବେ ବିଚାର କରିବା ପାଇଁ କେଉଁ କାରଣଟି ଆବଶ୍ୟକ ?

କ. ଲୋକସଂଖ୍ୟା

ଖ. ବଜାରର ଉପଲବ୍ଧି

ଗ. ଜଳବାୟୁ

ଘ. ଅବସ୍ଥିତି

ଲକ୍ଷ୍ୟ କର ଯେ ପ୍ରତ୍ୟେକ ବିକଳ୍ପଟି ଠିକ କିନ୍ତୁ 'ଘ' ବିକଳ୍ପ ସଠିକ ଉତ୍ତର ଓ ଉତ୍ତମ ।

ଜଣେ ଅଭ୍ୟସ୍ତ ଶିକ୍ଷକ ଭାବରେ ତୁମେ ଜାଣିଛ ଯେ ବହୁବିକଳ୍ପ ପ୍ରଶ୍ନ କିପରି ପ୍ରସ୍ତୁତ ହେବ । ଏଠାରେ କିଛି ପ୍ରସ୍ତାବ ଦିଆଗଲା । ପ୍ରଶ୍ନର ଶାଖାଟି ଅର୍ଥପୂର୍ଣ୍ଣ ହେବା ଆବଶ୍ୟକ ଏବଂ ଏହା ନିର୍ଦ୍ଦିଷ୍ଟ ଉତ୍ତର ଉପସ୍ଥାପନା କରିବା ଉଚିତ ।

ସାରଣୀରେ ଥିବା ଦୁଇଟି ଉଦାହରଣକୁ ତୁଳନା କର

| ଉଦାହରଣ - ୧ | ଉଦାହରଣ – ୨ |
|---|---|
| ଦିଲ୍ଲୀ<br>କ. ଗଙ୍ଗାନଦୀ କୂଳରେ ଅବସ୍ଥିତ<br>ଖ. ଭାରତର ରାଜଧାନୀ ଅଟେ<br>ଗ. କୁତବ ମିନାର ପାଇଁ ପ୍ରସିଦ୍ଧ<br>ଘ. ବହୁ ସଂସ୍କୃତି ସମ୍ପନ୍ନ ସହର | ଭାରତର ରାଜଧାନୀ<br>କ. ମୁମ୍ବାଇ<br>ଖ. ଚେନ୍ନାଇ<br>ଗ. ଚଣ୍ଡିଗଡ<br>ଘ. ଦିଲ୍ଲୀ |

ଦୁଇଟି ଉଦାହରଣରେ କ'ଣ ଲକ୍ଷ୍ୟ କଲ ? କେଉଁଟି ଉତ୍ତମ ଅଟେ ଏବଂ କାହିଁକି ?



ଟିପ୍ପଣୀ

ଉଦାହରଣ -୧ରେ ଶାଖା ଉତ୍ତରର ଆବଶ୍ୟକତାକୁ ବହନ କରେ ନାହିଁ ଏବଂ ସମସ୍ତ ବିକଳ୍ପଗୁଡ଼ିକୁ ନ ପଢ଼ିବା ପର୍ଯ୍ୟନ୍ତ ଅଳ୍ପ ଅର୍ଥ ବୁଝାଏ । ସମସ୍ୟାଟିର ଉଦ୍ଦେଶ୍ୟ ପ୍ରଶ୍ନର ଶାଖାରେ ସୁସ୍ପଷ୍ଟ ନୁହେଁ ।

ବିଭ୍ରାନ୍ତ ଗୁଡିକ ଯୁକ୍ତିଯୁକ୍ତ ହେବା ଆବଶ୍ୟକ ଏବଂ କିଛି ମାତ୍ରାରେ ପ୍ରଶ୍ନର ଶାଖାରେ ରଖାଯାଇଥିବା ସମସ୍ୟାକୁ ସମ୍ପର୍କିତ କରାଏ । ନିମ୍ନରେ ଦିଆଯାଇଥିବା ଉଦାହରଣ ଦୁଇଟିକୁ ତୁଳନା କର:

| ଦୁର୍ବଳ ପ୍ରଶ୍ନ | ଉତ୍ତମ ପ୍ରଶ୍ନ |
|---|---|
| ନିମ୍ନସ୍ଥ କେଉଁ ବୈଜ୍ଞାନିକ ରେଡିଓ ଉଦ୍ଭାବନ କରିଥିଲେ ?<br>କ. ମାର୍କୋନୀ<br>ଖ. ଆଇଜାକ୍ ନିଉଟନ<br>ଗ. ବେଲ୍<br>ଘ. ପାସ୍‌ଚର୍ | ନିମ୍ନସ୍ଥ କେଉଁ ବୈଜ୍ଞାନିକ ରେଡିଓ ଉଦ୍ଭାବନ କରିଥିଲେ ?<br>କ. ମାର୍କୋନୀ<br>ଖ. ବେଲ୍<br>ଗ. ସାମୁଏଲ୍ ମର୍ସି<br>ଘ. ଏଡିସନ୍ |

ବାମରେ ଦିଆଯାଇଥିବା ପ୍ରଶ୍ନ ଦୁର୍ବଳ କାହିଁକି ? ତୁମେ ଦୁଇଟିଯାକ ପ୍ରଶ୍ନରେ ଥିବା ବିକଳ୍ପଗୁଡ଼ିକୁ ଲକ୍ଷ୍ୟ କଲ କି ?

ବାମ ପାର୍ଶ୍ୱରେ ଥିବା ପ୍ରଶ୍ନର ଚାରୋଟି ବିକଳ୍ପ ଯାହା ମଧ୍ୟରୁ ପାସ୍‌ଚର୍ ଜଣେ ବୈଜ୍ଞାନିକ ଯେ କି ମେଡିସିନ୍ ସହ ଜଡ଼ିତ ? ନିଉଟନ୍ ସେହିପରି ଯୋଗାଯୋଗ ସହ ଜଡ଼ିତ । ଯେତେବେଳେ ଦୁଇଟି ବିକଳ୍ପ ବିଭ୍ରାନ୍ତ ସୃଷ୍ଟି କରୁନାହିଁ ସେଠାରେ ଅନ୍ୟ ଦୁଇଟିରୁ ବାଛି ଉତ୍ତର ଲେଖିବାର ସୁଯୋଗ ବେଶୀ ଅଛି । ଶିକ୍ଷାର୍ଥୀମାନେ ଉତ୍ତର ନଜାଣି ଅନୁମାନ କରି ଠିକ ଉତ୍ତରଟି ଦିଅନ୍ତି ଏବଂ ମାର୍କ ପାଆନ୍ତି । ତେଣୁ ଉତ୍ତମ ବହୁ ବିକଳ୍ପ ପ୍ରଶ୍ନରେ ପ୍ରତ୍ୟେକ ବିକଳ୍ପଟି ଠିକ ଲାଗୁଥିବା ଉଚିତ୍ ।

ଗ. ପ୍ରଶ୍ନଟିରେ କେବଳ ଗୋଟିଏ ସଠିକ ଏବଂ ଉତ୍କୃଷ୍ଟ ଉତ୍ତର ରହିଥିବା ଉଚିତ୍

ଘ. ଶିକ୍ଷାର୍ଥୀମାନଙ୍କୁ ଅପ୍ରାସଙ୍ଗିକ ରହସ୍ୟଠାରୁ ଦୂରେଇ ରଖ

ଏହାଦ୍ୱାରା ପିଲାଟି ସଠିକ ଉତ୍ତର ବାଛିପାରିବ ଯଦି ବି ସେ ଉତ୍ତର ଜାଣିନଥାଏ । ରହସ୍ୟଟି ତାକୁ ଉତ୍ତର ଚିହ୍ନିବାରେ ସାହାଯ୍ୟ କରିବ । ତଳେ ଦିଆଯାଇଥିବା ଉଦାହରଣଟି ଦେଖ

| ଦୁର୍ବଳ ପ୍ରଶ୍ନ | ଉତ୍ତମ ପ୍ରଶ୍ନ |
|---|---|
| ବିପିନ ସ୍କୁଲରେ ଦିନ ୧୧ଟାରେ ପହଞ୍ଚିଲା କିନ୍ତୁ ପହଞ୍ଚିବାର ସମୟ ଦିନ ୧୦ଟା ଥିଲା । ତେବେ ସେ ବିଳମ୍ୱ ଥିଲା an<br>କ. ୩୦ ମିନିଟ<br>ଖ. ଘଣ୍ଟା<br>ଗ. ୪୫ ମିନିଟ<br>ଘ. ୨ ଘଣ୍ଟା | ବିପିନ ସ୍କୁଲରେ ଦିନ ୧୧ଟାରେ ପହଞ୍ଚିଲା କିନ୍ତୁ ପହଞ୍ଚିବାର ସମୟ ଦିନ ୧୦ଟା ଥିଲା । ତେବେ ସେ ବିଳମ୍ୱ ଥିଲା an<br>କ. ୩୦ ମିନିଟ<br>ଖ. ଏକ ଘଣ୍ଟା<br>ଗ. ୪୫ ମିନିଟ<br>ଘ. ୨ ଘଣ୍ଟା |

ଟିପ୍ପଣୀ

ଲକ୍ଷ୍ୟକର, ବାମରେ ଦିଆଯାଇଥିବା ପ୍ରଶ୍ନର ଶାଖାରେ ଏକ ରହସ୍ୟ ଅଛି । (an) ଶବ୍ଦଟି ଠିକ୍ ଉତ୍ତର ବାଛିବା ପାଇଁ ରହସ୍ୟ ଯୋଗାଉଛି ଯାହାକି 'ଘଣ୍ଟାଏ' ହେବ । କିନ୍ତୁ ଉତ୍ତମ ପ୍ରଶ୍ନରେ ଏପ୍ରକାର ରହସ୍ୟ ନଥାଏ ।

ଙ. "ମୋତେ ଜଣାନାହିଁ" ଭଳି କିଛି ବିକଳ୍ପ ଦେବା ଉଚିତ ନୁହେଁ । ଯଦି ଦିଆଯାଏ ତାହା ଶିକ୍ଷକଙ୍କ ପାଇଁ ଶିକ୍ଷାର୍ଥୀଙ୍କୁ ପ୍ରତିଫଳିତ କରିବାରେ ସହାୟକ ହୁଏ ।

ଚ. ସମାନ ବିକଳ୍ପ ବାରମ୍ବାର ଆସିବା ଉଚିତ ନୁହେଁ । କାରଣ ଏଗୁଡିକ ଶିକ୍ଷାର୍ଥୀକୁ ଠିକ ଉତ୍ତର ବାଛିବାରେ ଦ୍ୱନ୍ଦ ସୃଷ୍ଟି ପରେ ।

ନିମ୍ନସ୍ଥ ପ୍ରଶ୍ନକୁ ଦେଖ

ଜୁଲାଇ ମାସରେ ଭାରତରେ ହାରାହାରି ବୃଷ୍ଟିପାତ

କ. ୧୨୦ମିମି ଠାରୁ କମ

ଖ. ୧୪୦ ମିମି ଠାରୁ କମ

ଗ. ୧୪୦ ମିମି ଓ ୧୫୦ ମିମି ମଧ୍ୟରେ

ଘ. ୧୫୦ ମିମି ଠାରୁ ବେଶୀ

ଙ. ୧୫୫ ମିମି ଠାରୁ ବେଶୀ

ଏଠାରେ ଯଦି 'କ' ଠିକ ହୁଏ ତେବେ 'ଖ' ମଧ୍ୟ ଠିକ । ସେହିପରି ଯଦି 'ଗ' ଠିକ୍ ତେବେ 'ଘ' ମଧ୍ୟ ଠିକ । ଏହି ପ୍ରକାର ଦ୍ୱନ୍ଦଠାରୁ ବହୁବିକଳ୍ପ ପ୍ରଶ୍ନ ତିଆରି କଲାବେଳେ ଦୂରେଇ ରହିବା ଉଚିତ ।

ତୁମପାଇଁ କାମ -୪

ଗଣିତର ଯେକୌଣସି ପ୍ରସଙ୍ଗରୁ ୫ଟି ବହୁବିକଳ୍ପ ପ୍ରଶ୍ନ ତିଆରି କର (ପ୍ରତ୍ୟେକରେ ୪ କିମ୍ବା ୫ଟି ବିକଳ୍ପ ରଖି)

ଶେଷରେ ନିମ୍ନରେ ଦିଆଯାଇଥିବା ତାଲିକା ସାହାଯ୍ୟରେ ପ୍ରତ୍ୟେକ ପ୍ରଶ୍ନର ଭିନ୍ନ ରୂପେ ସତ୍ୟତା ପରୀକ୍ଷା କର । ତୁମେ ଜାଣିପାରିବ ଯେ ପ୍ରଶ୍ନଗୁଡିକ ଉତ୍ତମ କି ନୁହେଁ ।

ପରୀକ୍ଷା ନିମନ୍ତେ ତନଖି ତାଲିକା

୧. ପ୍ରଶ୍ନ ସ୍ପଷ୍ଟଭାବେ ଉପସ୍ଥାପନା କରାଯାଇଛିକି ? ହଁ ନା

୨. ଶାଖାରେ ମୁଖ୍ୟ ସମସ୍ୟାଟି ଅଛି କି ? ହଁ ନା

୩. ଶାଖାଟି ଅପ୍ରାସଙ୍ଗିକ ବସ୍ତୁଠାରୁ ମୁକ୍ତ କି ? ହଁ ନା

୪. ବିକଳ୍ପଗୁଡିକ ଶାଖା ସହିତ ବ୍ୟାକରଣ ଅନୁକୂଳ କି ? ହଁ ନା

୫. ବିକଳ୍ପଗୁଡିକ ଅଯଥା ଶବ୍ଦ ଠାରୁ ମୁକ୍ତ କିମ୍ବା ସଂକ୍ଷିପ୍ତ କି ? ହଁ ନା

୬. କେବଳ ଗୋଟିଏ ଏବଂ ସ୍ପଷ୍ଟ ଉତ୍ତମ ଉତ୍ତର ସେଠାରେ ଅଛି କି ? ହଁ ନା

୭. ପ୍ରଶ୍ନଗୁଡିକ ଉତ୍ତରର ରହସ୍ୟଠାରୁ ମୁକ୍ତ କି ? ହଁ ନା

୮. ସାଂଖିକ ବିକଳ୍ପଗୁଡିକ ସଂଖ୍ୟାକ୍ରମରେ ଅଛନ୍ତି କି ? ହଁ ନା

୯. ବିକଳ୍ପଗୁଡିକ ସମାନ ପ୍ରକାରର କି ? ହଁ ନା

ତୁମ ପରୀକ୍ଷାର ସତ୍ୟତା ଆଧାରରେ ତୁମେ ବର୍ତ୍ତମାନ ପ୍ରଶ୍ନରେ ସେଗୁଡିକର ଗୁଣାତ୍ମକ ଉନ୍ନତି ପାଇଁ କିଛି ପରିବର୍ତ୍ତନ କରିପାର ।

ମେଳକ ପ୍ରଶ୍ନ

ତୁମପାଇଁ କାମ -୫

ଟିପ୍ପଣୀ

ନିମ୍ନରେ ଦୁଇଟି ମେଳକ ପ୍ରଶ୍ନ ଦିଆଗଲା । କେଉଁଟି ଉତ୍ତମ ଚିହ୍ନାଅ । ତୁମ ଉତ୍ତରର କାରଣ ଦର୍ଶାଅ ।

ମେଳକ ପ୍ରଶ୍ନ – ୧ ସ୍ତମ୍ଭ ମିଳନ କର

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ବିହାର | ସୂର୍ଯ୍ୟମନ୍ଦିର |
| ତାମିଲନାଡୁ | ପାଟନା |
| ରାଜସ୍ଥାନ | ପୋଙ୍ଗଲ ପର୍ବ |
| ଓଡିଶା | ଥର୍ ମରୁଭୂମି |

ମେଳକ ପ୍ରଶ୍ନ – ୨ 'କ' ସ୍ତମ୍ଭରେ ଥିବା ରାଜ୍ୟର ନାମକୁ 'ଖ' ସ୍ତମ୍ଭ ର ରାଜଧାନୀ ସହିତ ମିଳାଅ

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ବିହାର | ଭୁବନେଶ୍ୱର |
| ଓଡିଶା | ଚେନ୍ନାଇ |
| ରାଜସ୍ଥାନ | ଇଟାନଗର |
| ତାମିଲନାଡୁ | ଜୟପୁର |
| | ପାଟନା |
| | ରାୟପୁର |

ମେଳକ ପ୍ରଶ୍ନ ମୁଖ୍ୟତଃ ଏକ ବହୁବିକଳ୍ପ ପ୍ରଶ୍ନ ଯେଉଁଥିରେ ଉତ୍ତରଦାତା ପ୍ରତ୍ୟେକ ପ୍ରଶ୍ନ ଦ୍ୱିତୀୟ ସ୍ତମ୍ଭର ଅନେକ ପସନ୍ଦ ମଧ୍ୟରୁ ଗୋଟିକୁ ବାଛେ । ଏହି ପ୍ରକାର ପ୍ରଶ୍ନ ତିଆରି କରିବା ଏବଂ ସ୍କୋର କରିବା ସହଜ । ଯେତେବେଳେ ଶିକ୍ଷଣ ଫଳାଫଳ ଦୁଇଟି ଜିନିଷ ମଧ୍ୟରେ ଥିବା ସମ୍ପର୍କକୁ ଚିହ୍ନିବାର ଦକ୍ଷତା ଉପରେ ଗୁରୁତ୍ୱ ଦେଇଥାଏ , ମେଳକ ଅଧିକ ଯଥାର୍ଥ ହୋଇଥାଏ ।

ତୁମେ ଦ୍ୱିତୀୟ ପ୍ରଶ୍ନଟି ନିଶ୍ଚିନ୍ତ ଭାବରେ ଉତ୍ତମ ବୋଲି କହିବ କାରଣ ଏଠାରେ ସୂଚନା ସ୍ପଷ୍ଟ ଓ ସମ୍ପୂର୍ଣ୍ଣ ଥାଏ ଯାହାଦ୍ୱାରା ଶିକ୍ଷାର୍ଥୀ ସମାନ ଥିବା ବିକଳ୍ପ ଓ ପ୍ରଶ୍ନକୁ ଉଭୟ ସ୍ତମ୍ଭରେ ବିନା କୌଣସି ଅସୁବିଧାରେ ସହଜରେ ମେଳକ କରିପାରେ । ଏହି ପ୍ରଶ୍ନରେ 'କ' ସ୍ତମ୍ଭରେ ଭାରତରେ ଚାରୋଟି ରାଜ୍ୟ ଏବଂ 'ଖ' ସ୍ତମ୍ଭରେ ସେମାନଙ୍କ ରାଜଧାନୀର ନାମ ଦିଆଯାଇଛି । ତୁମେ ସହଜରେ ଲକ୍ଷ୍ୟ କରିବ ଯେ ପ୍ରଶ୍ନ -୧ରେ 'କ' ସ୍ତମ୍ଭରେ ସମାନ ପ୍ରକାର ବସ୍ତୁ ଥିଲେ ବି 'ଖ' ସ୍ତମ୍ଭରେ ସମାନ ନଥାଏ ଯାହାକି ତାକୁ ଦୁର୍ବଳ କରିଥାଏ । ଏକା ପ୍ରକାର ପ୍ରଶ୍ନ ଯେକୌଣସି ବିଷୟରୁ ଦିଆଯାଇପାରେ ଯଥା ଶବ୍ଦ ଏବଂ ସେମାନଙ୍କର ସମାନ ଅର୍ଥ ବୋଧକ ଶବ୍ଦ, କ୍ରିୟା ଓ ସେମାନଙ୍କ ଅତୀତ କାଳ, ଗାଣିତିକ ପଦ ଓ ସେମାନଙ୍କ ସୂତ୍ର, ଦେଶ ଓ ସେମାନଙ୍କ ମୁଦ୍ରା ଇତ୍ୟାଦି ।

ତେଣୁ ପ୍ରଶ୍ନକୁ ଶିକ୍ଷଣ ଅଗ୍ରଗତି ମାପିବାର ଏକ ଫଳପ୍ରଦ ପଦ୍ଧତି କରିବାକୁ ହେଲେ ନିମ୍ନସ୍ଥ ସର୍ତ୍ତ ରହିବା ଆବଶ୍ୟକ

- ସମାନ ବିକଳ୍ପ ଥିବ ।
- ପ୍ରଶ୍ନ ଓ ବିକଳ୍ପଗୁଡିକୁ ବର୍ଣ୍ଣମାଳା ଅନୁଯାୟୀ ସଜାଡି ହୋଇଥିବେ । (ସେମାନଙ୍କ ନିଜ ସ୍ତମ୍ଭରେ )

ଟିପ୍ପଣୀ

- ଉଭୟ ସ୍ତମ୍ଭରେ ଅସମାନ ସଂଖ୍ୟକ ପଦ ଥିବ ଯେପରି ପିଲା ଅନୁମାନ କରିପାରିବ ନାହିଁ ।
- ବିକଳ୍ପଗୁଡିକ ଗୋଟିଏ ପୃଷ୍ଠାରେ ରହିବା ଆବଶ୍ୟକ ଯାହାଫଳରେ ଶିକ୍ଷାର୍ଥୀଙ୍କୁ ଉତ୍ତର ଖୋଜିବାରେ ଅସୁବିଧା ହେବନାହିଁ ।

ତୁମେ ଏଥିରେ ଅଧିକ କିଛି ଯୋଡିପାର ଏହାକୁ ଅଧିକ ଗୁଣାତ୍ମକ କରିବାପାଇଁ ।

**୧୫.୩.୪ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ**

ତୁମେ ପୂର୍ବରୁ ଅନେକ ପ୍ରକାରର ବସ୍ତୁନିଷ୍ଠ ପ୍ରଶ୍ନ ବିଷୟରେ ପଢିଲଣି । ଏବଂ ଏହି ପ୍ରଶ୍ନ କିପରି ତିଆରି କରାଯିବ ଶିଖିଲଣି । ବସ୍ତୁନିଷ୍ଠ ପ୍ରଶ୍ନର ଉତ୍ତର ନିର୍ଦ୍ଦିଷ୍ଟ ଓ ଅନନ୍ୟ ବୋଲି ତୁମେ ଅବଗତ ହେଲଣି । ଯାହା ବି ହେଉ, ତୁମେ ବସ୍ତୁନିଷ୍ଠ ପ୍ରଶ୍ନ ମାଧ୍ୟମରେ ଶିକ୍ଷାର୍ଥୀର ସମସ୍ତ ଦିଗକୁ ମାପି ପାରିବ କି ? ଶିକ୍ଷାର୍ଥୀର ଚିନ୍ତନର ଗଭୀରତା ଓ ଶିଖିବା ପାଇଁ ତାର ଆଗ୍ରହକୁ ତୁମେ ବସ୍ତୁନିଷ୍ଠ ପ୍ରଶ୍ନ ମାଧ୍ୟମରେ ମାପି ପାରିବ କି ?

ଏହା କେବଳ ଅସମ୍ଭବ ନୁହେଁ ବରଂ କଷ୍ଟକର ମଧ୍ୟ । ନିମ୍ନସ୍ଥ ଦୁଇଟି ପ୍ରଶ୍ନକୁ ଦେଖ :

ପ୍ରଶ୍ନ ୧ : ଗୋଟିଏ ବସ୍ତୁର କ୍ରୟ ମୂଲ୍ୟ ୫୦୦ ଟଙ୍କା ଓ ବିକ୍ରୟ ମୂଲ୍ୟ ୬୦୦ ଟଙ୍କା । ଏହାର ଲାଭ କେତେ ନିର୍ଣ୍ଣୟ କର ।

ପ୍ରଶ୍ନ ୨ : ଗୋଟିଏ ବସ୍ତୁକୁ ୧୦୦ ଟଙ୍କା ଲାଭରେ ବିକ୍ରି କରାଗଲା । ତୁମେ ଏହାର କ୍ରୟ ଓ ବିକ୍ରୟ ମୂଲ୍ୟ ନିର୍ଣ୍ଣୟ କରିପାରିବ କି ?

ପ୍ରଶ୍ନ -୧ ଏକ ବସ୍ତୁନିଷ୍ଠ ପ୍ରଶ୍ନ ଯାହାର ଏକ ନିର୍ଦ୍ଦିଷ୍ଟ ଉତ୍ତର ଅଛି (ଏଠାରେ ୧୦୦ ଟଙ୍କା) । କିନ୍ତୁ ପ୍ରଶ୍ନ -୨ରେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ନାହିଁ । ଜଣେ ଶିକ୍ଷାର୍ଥୀ କ୍ରୟମୂଲ୍ୟ ୪୦୦ ଟଙ୍କା ଓ ବିକ୍ରୟ ମୂଲ୍ୟ ୫୦୦ ଟଙ୍କା କହିପାରେ ଏବଂ ଅନ୍ୟ ଜଣେ କ୍ରୟମୂଲ୍ୟ ୪୫୦ ଟଙ୍କା ଓ ବିକ୍ରୟ ମୂଲ୍ୟ ୫୫୦ ଟଙ୍କା କହିପାରେ । ଏହିପରି ଅନେକ ଠିକ ଉତ୍ତର ହୋଇପାରେ । ଏହି ପ୍ରକାରର ପ୍ରଶ୍ନକୁ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ କୁହାଯାଏ । ଯାହାର କି ଅନେକ ଗୁଡିଏ ସଠିକ ଉତ୍ତର ହୋଇପାରିବ କିମ୍ବା ବେଳେବେଳେ ଅସଂଖ୍ୟ ସଠିକ ଉତ୍ତର ହୋଇପାରିବ ।

ବସ୍ତୁନିଷ୍ଠପ୍ରଶ୍ନ କିମ୍ବା ସେହିପରି ଅନ୍ୟପ୍ରଶ୍ନ ଯାହାର ନିର୍ଦ୍ଦିଷ୍ଟ ସଂଖ୍ୟକ ଠିକ୍ ଉତ୍ତର ଅଛି ସେମାନଙ୍କୁ ସୀମିତ ଉତ୍ତର ମୂଳକ ପ୍ରଶ୍ନ କୁହନ୍ତି । ନିମ୍ନ ଉଦାହରଣ ମାନଙ୍କରୁ ତୁମେ ସୀମିତ ଉତ୍ତରମୂଳକ ଓ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ଲକ୍ଷ୍ୟକରିପାରିବ ।

| ସୀମିତ ଉତ୍ତରମୂଳକ ପ୍ରଶ୍ନ | ମୁକ୍ତ ଉତ୍ତରମୂଳକ ପ୍ରଶ୍ନ |
|---|---|
| ୧. ୫+..=୯ ରେ ଶୂନ୍ୟସ୍ଥାନ ପୂରଣ କର<br>୨. (play) ଶବ୍ଦରେ (ing) ଯୋଗକରି ଶବ୍ଦଟି ଲେଖ ।<br>୩. ଏକ ତ୍ରିଭୁଜ ଅଙ୍କନ କର ଯାହାର ଦୁଇଟି ସନ୍ନିହିତ ବାହୁର ଦୈର୍ଘ୍ୟ ୫ ସେମି ଓ ୯ ସେମି ଏବଂ ସେମାନଙ୍କ ଅନ୍ତର୍ଗତ କୋଣର ପରିମାଣ ୬୦ ।<br>୪. ବାଲି ସିମେଣ୍ଟ ପାଣିର ମିଶ୍ରଣ ବ୍ୟତୀତ ପକ୍କା ଘର ତିଆରି କରିବା ପାଇଁ ଆଉ କେଉଁ ମୁଖ୍ୟ | ୧. କେଉଁ ଦୁଇଟି ସଂଖ୍ୟାର ଯୋଗଫଳ ୯ ?<br>୨. (playing, taking) ଭଳି (ing) ଲାଗିଥିବା ଶବ୍ଦ ଲେଖ ?<br>୩. କେତେ ପ୍ରକାର ଉପାୟରେ ତୁମେ ତ୍ରିଭୁଜ ଅଙ୍କନ କରିପାରିବ ?<br>୪. ଏକ ଇଟାକୁ ତୁମେ କେତେ ପ୍ରକାରରେ ବ୍ୟବହାର କରିପାରିବ ?<br>୫. ତୁମେ ପ୍ରଧାନ ଶିକ୍ଷକ ହୋଇଥିଲେ ବିଦ୍ୟାଳୟର |



ଟିପ୍ପଣୀ

| ଉପାଦାନ / ଜିନିଷ ବ୍ୟବହାର କରାଯାଏ ? | ଉନ୍ନତି ପାଇଁ ତୁମେ କ'ଣ କରିଥାଆନ୍ତ ? |
|---|---|
| ୫. ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟରେ କିଏ ନିୟନ୍ତ୍ରଣ କରିଥାଆନ୍ତି ? | |

ତେଣୁ ଆମେ କହିପାରିବା ଯେ

- ବସ୍ତୁନିଷ୍ଠ ପ୍ରଶ୍ନରେ, ଅନୁମାନ କରି ଉତ୍ତର ଦେବାର ସମ୍ଭାବନା ଅଛି । ଦିଆଯାଇଥିବା ବିକଳ୍ପ ଉତ୍ତରମାନଙ୍କରୁ ଶିକ୍ଷାର୍ଥୀ ଠିକ ଉତ୍ତର ଅନୁମାନ କରିପାରେ । ଏହି ପରିସ୍ଥିତିରେ ପିଲା ସେହି ଧାରଣା ହାସଲ କରିନଥିଲେ ମଧ୍ୟ ଦତ୍ତ ପ୍ରଶ୍ନରେ ପୁରା ନମ୍ବର ପାଇବାକୁ ସମ୍ଭବ ହୋଇପାରେ । କିନ୍ତୁ ମୁକ୍ତ ଉତ୍ତରମୂଳକ ପ୍ରଶ୍ନରେ ଅନୁମାନ କରି ଉତ୍ତର ଦେବା ସୁଯୋଗ ନଗଣ୍ୟ । ତେଣୁ ମୁକ୍ତ ଉତ୍ତର ମୂଳକ ପ୍ରଶ୍ନ ଅନୁମାନ କରିବାକୁ ବାରଣ କରିଥାଏ ।
- ସାଧନୀ ହିସାବରେ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ଛାତ୍ରଛାତ୍ରୀମାନଙ୍କର ସମସ୍ୟାର ବୋଧଗମ୍ୟତା ଆଶା କରେ । ଏହା ପିଲାର ବୋଧଶକ୍ତି ମାପିବାରେ ସାହାଯ୍ୟ କରେ । ଏହା ମଧ୍ୟ ବିକ୍ଷିପ୍ତ ଚିନ୍ତନକୁ ପ୍ରୋତ୍ସାହନ କରେ (ଗୋଟିଏ ସମସ୍ୟାର ବିବିଧ ଉତ୍ତର ପାଇବାକୁ ଉତ୍ସାହିତ କରିବା) ପିଲା ବିଭିନ୍ନ ଦୃଷ୍ଟିକୋଣରୁ ଉତ୍ତର ବିଷୟରେ ଚିନ୍ତା କରେ ।
- ଏକକ – ୧ରେ ଆଲୋଚନା କରାଯାଇଛି ଯେ ଶିକ୍ଷଣ ହେଉଛି ଏକ ଅର୍ଥପ୍ରସ୍ତୁତ କାର୍ଯ୍ୟ । ଶିକ୍ଷାର୍ଥୀ ଧାରଣାର ଅର୍ଥ ଜାଣିବାକୁ ସମର୍ଥ ହୋଇଛି କି ନାହିଁ ତାହା ଆକଳନ କରିବାପାଇଁ ମୁକ୍ତଉତ୍ତର ମୂଳକ ପ୍ରଶ୍ନ ସୁଯୋଗ ସୃଷ୍ଟି କରିଥାଏ । ଏହା ବସ୍ତୁନିଷ୍ଠ ପ୍ରଶ୍ନ ମାଧ୍ୟମକୁ ମାପ କରିବା କଷ୍ଟକର । ପିଲା ଯଦି ଏକ ମୁକ୍ତ ଉତ୍ତରମୂଳକ ପ୍ରଶ୍ନର ବିବିଧ ଉତ୍ତର ଦେବାକୁ ସକ୍ଷମ ହୁଏ, ତେବେ ଆମେ କହିପାରିବା ଯେ ଅର୍ଥପ୍ରସ୍ତୁତ କରିବାରେ (ବା ବୁଝିବାରେ) ସକ୍ଷମ ହୋଇଛି ।
- ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ମୁଖସ୍ଥ କରି ଶିକ୍ଷଣକୁ ବାରଣ କରିଥାଏ
- ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ପ୍ରାରମ୍ଭିକ ଶିକ୍ଷାସ୍ତରରେ ଉନ୍ନତ ଶିକ୍ଷଣ ପାଇଁ ଉତ୍ସାହିତ କରିଥାଏ ଓ ସୁଯୋଗ ସୃଷ୍ଟି କରିଥାଏ । ଛୋଟପିଲାମାନେ ବସ୍ତୁନିଷ୍ଠ ପ୍ରଶ୍ନର ଠିକ ଉତ୍ତର ଦେଇପାରିନଥାନ୍ତି କାରଣ ସେମାନଙ୍କର ମନଯୋଗ ଅବଧି କମଥାଏ । ସେମାନେ ଏକପ୍ରକାର କାର୍ଯ୍ୟ ଉପରେ ଅଧିକ ସମୟ ଧ୍ୟାନ କେନ୍ଦ୍ରୀଭୂତ କରିପାରନ୍ତି ନାହିଁ । କିନ୍ତୁ ମୁକ୍ତ ଉତ୍ତର ମୂଳକ ପ୍ରଶ୍ନରେ ସେମାନେ ପ୍ରଶ୍ନ ଓ ତାର ବିବିଧ ଉତ୍ତର ଉପରେ କେନ୍ଦ୍ରୀଭୂତ କରିପାରନ୍ତି ଯାହା ତାଙ୍କର ପରବର୍ତ୍ତୀ ଶିକ୍ଷଣକୁ ଆଗେଇନିଏ ।
- ବସ୍ତୁନିଷ୍ଠ ପ୍ରଶ୍ନ ନିର୍ଦ୍ଦିଷ୍ଟ ଉତ୍ତର ଦ୍ୱାରା ଗୁଣ ନିର୍ଦ୍ଧାରଣ ହୋଇଥାଏ । ଠିକ ଉତ୍ତର ଦେବାକୁ ଅସମର୍ଥ ହେବା ଶିକ୍ଷାର୍ଥୀକୁ ପରବର୍ତ୍ତୀ ଶିକ୍ଷଣ ପାଇଁ ହତୋତ୍ସାହିତ କରେ ଏବଂ ତାର ଶିକ୍ଷଣ ସାମର୍ଥ୍ୟ ହ୍ରାସ ହୋଇଥାଏ । ବିପରୀତ ଭାବେ, ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ବିଦ୍ୟାର୍ଥୀକୁ ଏକ ସଫଳ ଜ୍ଞାନ ପ୍ରଦାନ କରିଥାଏ କାରଣ ଏହାର ଏକାଧିକ ସଂଖ୍ୟକ ଠିକ ଉତ୍ତର ଥାଏ ଏବଂ ସେ ଅତିକମ୍‌ରେ ଗୋଟିଏ ଉତ୍ତର ଦେଇପାରେ ।

ନିମ୍ନରେ ଦିଆଯାଇଥିବା ଉକ୍ତି ଗୁଡିକୁ ଯତ୍ନର ସହ ପଢନ୍ତୁ । ଠିକ ଉକ୍ତି ପାଖରେ (√)ଚିହ୍ନ ଓ ଭୁଲ ଉକ୍ତି ପାଖରେ (X) ଚିହ୍ନ ଦିଅନ୍ତୁ ।

କ. ବିସ୍ତୃତ ଉତ୍ତରମୂଳକ ପ୍ରଶ୍ନ ଏକ ଦୀର୍ଘଉତ୍ତରମୂଳକ ପ୍ରଶ୍ନ ।

ଟିପ୍ପଣୀ

ଖ. ବିଦ୍ୟାର୍ଥୀର ସୃଜନଶକ୍ତି ମାପିବାପାଇଁ ବସ୍ତୁନିଷ୍ଠ ପ୍ରଶ୍ନ ଅଧିକ ପସନ୍ଦଯୋଗ୍ୟ

ଗ. ୫+୨= ଏକ ନିର୍ବାଚନ / ଚୟନ ପ୍ରଶ୍ନ

ଘ. ପ୍ରତ୍ୟେକ ଉତ୍ତର ଯୋଗାଇ ଦେଇଥିବା ପ୍ରଶ୍ନକୁ ଚୟନ ପ୍ରଶ୍ନ ପ୍ରକାରକୁ ବଦଳାଇ ହେବ ।

ଙ. ମୌଳିକ ପ୍ରଶ୍ନ ବହୁବିକଳ୍ପ ପ୍ରକାର ପ୍ରଶ୍ନର ଏକ ରୂପ

ଚ. ଏକ ବହୁବିକଳ୍ପ ପ୍ରକାର ପ୍ରଶ୍ନରେ ଭୁଲ ବିକଳ୍ପଗୁଡିକୁ ଶାଖା କୁହାଯାଏ ।

୧୫.୪ ଗୁଣାତ୍ମକ ସାଧନୀ ଓ କୌଶଳର ପ୍ରସ୍ତୁତି ଓ ବ୍ୟବହାର

ପରିସ୍ଥିତି -୧ ସମୀର ସାର୍ ପ୍ରାଥମିକ ଶ୍ରେଣୀରେ ଗଣିତ ପଢାନ୍ତି । ପଢାଇବା ସମୟରେ ପିଲାମାନେ ବିଭିନ୍ନ ପ୍ରକାର ଉତ୍ତର କିପରି ଦିଅନ୍ତି । ସେମାନଙ୍କର ଗଣିତ ଶିକ୍ଷଣ ପ୍ରତି ଆଗ୍ରହ ନଥାଏ । ସେମାନେ ଗାଣିତିକ ପ୍ରକଳ୍ପ ଓ ନ୍ୟସ୍ତକାର୍ଯ୍ୟ ଠିକଭାବେ ଓ ଠିକସମୟରେ କରୁଛନ୍ତି କି ନାହିଁ ତାହା ଲକ୍ଷ୍ୟ କଲେ । ଆହୁରି ମଧ୍ୟ ପଢାଯାଇଥିବା ଧାରଣାଗୁଡିକ ବୁଝିଛନ୍ତି କି ନାହିଁ ଆକଳନ କରିବା ପାଇଁ ସେ ଏକ ପରୀକ୍ଷା ପରିଚାଳନା କଲେ ।

ପୂର୍ବରୁ ତୁମେ ଶିକ୍ଷାଗ୍ରହଣ କରିଛ ଯେ, ଶିକ୍ଷଣର ଆକଳନ /ମୂଲ୍ୟାୟନ ପିଲାର ଉପଲବ୍ଧୀର ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ବର୍ଣ୍ଣନା ଉପରେ ଆଧାରିତ । ପିଲାର ଉପଲବ୍ଧିର ପରିମାଣାତ୍ମକ ଓ ଗୁଣାତ୍ମକତା ଦିଗର ସ୍ଥିତି ଜାଣିବା ପାଇଁ ଶ୍ରେଣୀ ଶିକ୍ଷକଙ୍କୁ ବିଭିନ୍ନ ପ୍ରକାର ସାଧନୀ / କୌଶଳ ବ୍ୟବହାର କରିବାକୁ ପଡିବ । ଆସ ନିମ୍ନ ପରିସ୍ଥିତି ସହାୟତାରେ ଏହା ଆଲୋଚନା କରିବା ।

ଉପର ଉଦାହରଣରେ, କେବଳ କୃତୀ ପରୀକ୍ଷଣ ପରିବର୍ତ୍ତେ, ଗଣିତ ଶିକ୍ଷକ ଧାରଣା ସମ୍ପର୍କିତ ବିଭିନ୍ନ ପ୍ରକାରର ଆକଳନ ଯଥା - ପରୀକ୍ଷଣର ବ୍ୟବହାର, ଶିକ୍ଷାଦାନ ସମୟରେ ପର୍ଯ୍ୟବେକ୍ଷଣ, ପ୍ରକଳ୍ପକାର୍ଯ୍ୟ ଓ ନ୍ୟସ୍ତକାର୍ଯ୍ୟ ବ୍ୟବହାର କରିପାରିବେ । ଏହି ସାଧନୀ ଓ କୌଶଳ ମୁଖ୍ୟତଃ ଗୁଣାତ୍ମକ ଫଳ ହାସଲ କରେ । ତୁମେ ଅନୁଭବ କରିଥିବ ଯେ ପିଲାର ବ୍ୟବହାର ବାବଦରେ ସମସ୍ତ ତଥ୍ୟ ପରୀକ୍ଷଣ କିମ୍ବା ଗୋଟିଏ ସାଧନୀ ବା ପଦ୍ଧତି ବ୍ୟବହାର କରି ସଂଗ୍ରହ କରିହେବ ନାହିଁ । ଉଭୟ ପାଠ୍ୟଗତ ଓ ସହପାଠ୍ୟଗତ ତଥା ଶିକ୍ଷାର୍ଥୀର ପ୍ରଦର୍ଶନ ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ହ୍ରାସକୁ ସାଧନୀ ଓ କୌଶଳ ବ୍ୟବହାର କରି ସଂବ୍ୟାପକ ଭାବେ ମୂଲ୍ୟାୟନ କରିହେବ ।

**୧୫.୪.୧ ପର୍ଯ୍ୟବେକ୍ଷଣ**

ତୁମ ବିଦ୍ୟାଳୟରେ ଶିକ୍ଷାଦାନ ଏବଂ ଅନ୍ୟାନ୍ୟ କାର୍ଯ୍ୟ କରିବା ସମୟରେ ତୁମେ ପିଲାମାନଙ୍କର ଅନେକ ବିଶିଷ୍ଟ / ସ୍ୱତନ୍ତ୍ର ଅନୁଭବ କରିଥିବ ଯାହା ତୁମେ କୌଣସି ପରୀକ୍ଷଣରୁ ଜାଣିପାରିନଥିବ । ତୁମେ ଲକ୍ଷ୍ୟ କରିଥାଇପାର ପିଲାମାନେ କିପରି ଶ୍ରେଣୀ ଓ ଶ୍ରେଣୀ ବାହାରେ ଆଚରଣ କରନ୍ତି । କିପରି ଅନ୍ୟପିଲାମାନଙ୍କ ସହିତ ଭାବ ବିନିମୟ କରନ୍ତି, ତାଙ୍କ ଆଗ୍ରହର ପରିସର ସେମାନଙ୍କର ପସନ୍ଦ ନାପସନ୍ଦ, ତାଙ୍କର ଆବେଗିକ ଅବସ୍ଥା ଏବଂ ଅବା କିଛି ତଥ୍ୟ ଯାହା ତୁମକୁ ସାହାଯ୍ୟ କରେ ପରୀକ୍ଷଣରୁ ଫଳାଫଳ ସମ୍ବନ୍ଧୀୟ ତଥ୍ୟ ହାସଲ କରିବା ସହିତ ଶିକ୍ଷଣରେ ସେମାନଙ୍କର ଅଗ୍ରଗତି ଓ ପ୍ରତିବନ୍ଧକ ଆକଳନ କରିବାରେ ।

ସ୍ୱାଭାବିକ ପରିସ୍ଥିତିରେ (ଅନୁରୂପ ପରିସ୍ଥିତିରେ ମଧ୍ୟ) ଛାତ୍ରଛାତ୍ରୀମାନଙ୍କୁ ପ୍ରଣାଳୀବଦ୍ଧ ଭାବେ ପର୍ଯ୍ୟବେକ୍ଷଣ କରିବା ଏକ ଦରକାରୀ କୌଶଳ ଯାହା ବିଭିନ୍ନ ପାଠ୍ୟଗତ ଓ ସହପାଠ୍ୟଗତ ଶିକ୍ଷଣ କାର୍ଯ୍ୟରେ ଶିକ୍ଷାର୍ଥୀମାନଙ୍କର ଉପଲବଧି ଏବଂ ସେମାନଙ୍କର ଭାବଗତ ଆଚରଣ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିବା ପାଇଁ



ଟିପ୍ପଣୀ

ସାହାଯ୍ୟ କରିଥାଏ । ବିଦ୍ୟାର୍ଥି ମାନଙ୍କର କଥନ, ହସ୍ତାକ୍ଷର, ଗୀତ ଗାଇବା, ନାଚ କରିବା, ନାଟ୍ୟାଭିନୟ, ସମୟାନୁବର୍ତ୍ତୀତା, ସମୟର ସଫଳ ବିନିଯୋଗ, ଆନ୍ତରିକ ସମ୍ବନ୍ଧ, ଗୁରୁଜନମାନଙ୍କୁ ସମ୍ମାନ ଇତ୍ୟାଦି ପରିସରରେ ଅଗ୍ରଗତି ଓ ଆଚରଣ କାଗଜ-ପେନ୍‌ସିଲ୍ ପରୀକ୍ଷଣରେ ମୂଲ୍ୟାୟନ କରିହେବ ନାହିଁ । ଏଗୁଡିକ ପର୍ଯ୍ୟବେକ୍ଷଣ କୌଶଳ ମାଧ୍ୟମରେ ଆକଳନ କରିହେବ ।

ପର୍ଯ୍ୟବେକ୍ଷଣ ସମ୍ବନ୍ଧୀୟ କୌଶଳ ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟବେକ୍ଷଣୀୟ ସାଧନୀ ଯଥା- ତନଖି ତାଲିକା, ମାନକ ସୂଚୀ, କିମ୍ବା ଘଟଣାବଳୀ ବିବରଣର ବ୍ୟବହାରକୁ ସୂଚୀତ ରଖୁଛି । ଲେଦ୍‌ମ୍ୟାନ (୧୯୯୯)ଙ୍କ ମତରେ "The process of observing and recording an individual's behaviour is what is meant by the term observational technique" (ପର୍ଯ୍ୟବେକ୍ଷଣୀୟ କୌଶଳ ପଦ ର ଅର୍ଥ ହେଉଛି ଏକ ପ୍ରଣାଳୀ ଯାହା ଜଣେ ବ୍ୟକ୍ତିର ଆଚରଣ ନିରୀକ୍ଷଣ କରିବା ଓ ଲିପିବଦ୍ଧକରଣ କରିବ" ।

ପିଲାମାନଙ୍କ ସହ ଶିକ୍ଷଣ କାର୍ଯ୍ୟରେ ଅଂଶଗ୍ରହଣ କରିବା ସେମାନଙ୍କ ସହିତ ସହଯୋଗ କରି ତୁମେ ସେମାନଙ୍କୁ ଅତି ନିକଟରୁ ନିରୀକ୍ଷଣ କରି (ଅଂଶୀଦାର ପର୍ଯ୍ୟବେକ୍ଷଣ) ପାରିବ । ସେମାନେ ବ୍ୟକ୍ତିଗତ ବା ଦଳଗତ ଭାବେ କରୁଥିବା ଅନେକ ଶିକ୍ଷଣ କାର୍ଯ୍ୟ କରିବା ସମୟରେ ତୁମେ ଦୂରରୁ ମଧ୍ୟ ସେମାନଙ୍କୁ ନିରୀକ୍ଷଣ କରିପାରିବ (ଅଂଶୀଦାରୀ ବିହୀନ ପର୍ଯ୍ୟବେକ୍ଷଣ) । ଶିକ୍ଷାର୍ଥୀମାନେ ସେମାନଙ୍କୁ ନିରୀକ୍ଷଣ କରାଯାଉଥିବା ଜାଣି ତୁମେ ସେମାନଙ୍କୁ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟରେ ନିରୀକ୍ଷଣ କରିପାରିବ କିମ୍ବା ପରୋକ୍ଷ ଭାବେ ନିରୀକ୍ଷଣ କରିପାରିବ ଯେତେବେଳେ ସେମାନେ ଜାଣିନଥିବେ ଯେ ତାଙ୍କୁ ନିରୀକ୍ଷଣ କରାଯାଉଛି । ପର୍ଯ୍ୟବେକ୍ଷଣ ମଧ୍ୟ ଉଦ୍ଦେଶ୍ୟ ରହିତ (ଏକ ନିର୍ଦ୍ଦିଷ୍ଟ ଯୋଜନା ସହିତ ଉଦ୍ଦେଶ୍ୟମୂଳକ ଭାବେ କରାଯାଏ) କିମ୍ବା ଆକସ୍ମିକ ବିଶେଷ ଆଚରଣର ଦୈବଯୋଗ (chance) ପର୍ଯ୍ୟବେକ୍ଷଣ । କିନ୍ତୁ ଶିକ୍ଷାର୍ଥୀଙ୍କ କାର୍ଯ୍ୟକୁ ପ୍ରତ୍ୟକ୍ଷଭାବେ ହେଉ କିମ୍ବା ପରୋକ୍ଷଭାବେ ହେଉ ବାରମ୍ବାର ନିରୀକ୍ଷଣ କରିବା, ନିରନ୍ତର ଶିକ୍ଷାର୍ଥୀର ଶିକ୍ଷଣ ଅଗ୍ରଗତି ବିଷୟରେ ପତିପୁଷ୍ଟି ଯୋଗାଏ । ତୁମେ ଠିକ୍ ସମୟରେ ତ୍ରୁଟି ଚିହ୍ନଟ ଏବଂ ସମାଧାନ କରିବାକୁ ଉପାୟ ପାଞ୍ଚିବା ପାଇଁ ସଂଶୋଧନକ୍ଷମ ପଦକ୍ଷେପ ନେବ ।

ନିମ୍ନରେ ଫଳପ୍ରଦ ପର୍ଯ୍ୟବେକ୍ଷଣ ପାଇଁ କେତେକ ପରାମର୍ଶ ଦିଆଯାଇଛି ଯାହା ଅଧିକ ବୈଜ୍ଞାନିକ ସମ୍ମତ ଏବଂ ବୈଧ ।

- କ'ଣ ନିରୀକ୍ଷଣ କରିବ ବହୁଆଗରୁ ତାହା ଯୋଜନା କର ଏବଂ ନିରୀକ୍ଷଣ ସମ୍ବନ୍ଧୀୟ ଏକ ତାଲିକା ପ୍ରସ୍ତୁତ କର ।
- ଗୋଟିଏ ଏକକ ପର୍ଯ୍ୟବେକ୍ଷଣ ପାଇଁ ଅଧିକ ଆଚରଣ ନିଅ ନାହିଁ; କେବଳ ଗୋଟିଏ ବା ଦୁଇଟି ନିଅ ।
- ପର୍ଯ୍ୟବେକ୍ଷଣ ସାଧନୀରେ ସ୍ପଷ୍ଟ ଓ ଦ୍ୱିଅର୍ଥବୋଧକ ହୋଇନଥିବା ପଦ ପର୍ଯ୍ୟବେକ୍ଷଣ ସାଧନୀରେ ବ୍ୟବହାର କର ।
- ପର୍ଯ୍ୟବେକ୍ଷଣକୁ ସଙ୍ଗେସଙ୍ଗେ ଯତ୍ନର ସହିତ ଲିପିବଦ୍ଧ ଏବଂ ସଂକ୍ଷେପଣ କର ନଚେତ ଭୁଲି ଯିବାର ସମ୍ଭାବନା ଅଛି ।
- ଆକସ୍ମିକ ଭାବେ ତୁମେ ଯେତେବେଳେ ଏକ ବିଶେଷ ଆଚରଣ ନିରୀକ୍ଷଣ କର, ଚେଷ୍ଟାକର ହଠାତ ତାହା ଲିପିବଦ୍ଧ କରିବା ପାଇଁ ଏବଂ ତାପରେ ଏହାକୁ ପୁନର୍ବାର ନିରୀକ୍ଷଣ ପାଇଁ

ଟିପ୍ପଣୀ

ଯୋଜନାରେ ଅନ୍ତର୍ଭୁକ୍ତ କର । ଏହି ନିରୀକ୍ଷଣ, ଆଚରଣଟି ଆକସ୍ମିକ ବା ନୁହେଁ ତାହା ତନଖି କରିବା ପାଇଁ ଉଦ୍ଦିଷ୍ଟ ହେବା ଦରକାର ।

### ୧୫.୪.୨ ତନଖି ତାଲିକା (ଚେକ୍ ଲିଷ୍ଟ)

ବିଭିନ୍ନ ପରିସ୍ଥିତିରେ ଛାତ୍ରଛାତ୍ରୀମାନଙ୍କ ଆଚରଣରେ ଭିନ୍ନତା ଦେଖାଯାଏ । ମୂଲ୍ୟାୟନ ପ୍ରଣାଳୀରେ ଶିକ୍ଷକଙ୍କ ପର୍ଯ୍ୟବେକ୍ଷଣ ଓ ଏକ ନିର୍ଦ୍ଦିଷ୍ଟ ବିଦ୍ୟାର୍ଥୀର ଆଚରଣ ଲିପିବଦ୍ଧ କରିବା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ତନଖି ତାଲିକା ଏକ ସାଧନୀ ଯାହା ଶିକ୍ଷକଙ୍କୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଶିକ୍ଷାର୍ଥୀର ଉପଲବ୍ଧି ଲିପିବଦ୍ଧ କରିବାରେ ସାହାଯ୍ୟ କରେ । ତନଖି ତାଲିକା ସାଧାରଣତଃ ଥିବା କିମ୍ବା ନଥିବା ଆଚରଣ ଓ ଗୁଣାବଳୀର ତାଲିକା ଧାରଣ କରିଥାଏ ।

ଜ୍ୟାମିତିକ ଅଙ୍କନରେ ଶିକ୍ଷାର୍ଥୀର ଉପଲବ୍ଧି ଲିପିବଦ୍ଧକରଣର ଏକ ତନଖି ତାଲିକା ନିମ୍ନରେ ଦିଆଗଲା ।

| କ୍ର. ନଂ | କାର୍ଯ୍ୟାବଳୀ | ଯଦି ଠିକ୍ ଭାବେ କରା ହୋଇଛି ତେବେ "√" ଚିହ୍ନ ଦିଅ |
|---|---|---|
| ୧ | ଆବଶ୍ୟକ ଉପକରଣର ସଂଗ୍ରହ | |
| ୨ | ଖଣ୍ଡେ ଧଳା କାଗଜ ନେବା | |
| ୩ | ପେନ୍ସିଲର ଅଗ୍ରଭାଗ ତୀକ୍ଷ୍ଣ କରିବା | |
| ୪ | ଉପକରଣର ଉପଯୁକ୍ତ ବ୍ୟବହାର | |
| ୫ | ସୋପାନ ଅନୁଯାୟୀ ଅଙ୍କନ କରିବା | |
| ୬ | ଜ୍ୟାମିତିକ ଚିତ୍ରର ନାମ ଦେବା | |
| ୭ | ଅନ୍ୟ କିଛି (ଦୟାକରି ଦର୍ଶାଅ) | |

ତନଖି ତାଲିକା ଏକ ଘଟଣା, ଆଚରଣ, ବିଦ୍ୟାର୍ଥୀର ଲକ୍ଷଣର ଉପସ୍ଥିତି ତଥା ଆଚରଣ ପାଇଁ ଉଦ୍ଦିଷ୍ଟ ସ୍ତମ୍ଭରେ ଟିକ ଚିହ୍ନରେ ଚିହ୍ନିତ କରି ଲେଖି ରଖିବାରେ ସକ୍ଷମ କରାଏ । ତନଖି ତାଲିକା ପୂରଣ ପରେ, ଉନ୍ନତ ଶିକ୍ଷଣରେ ସହାୟତା ପାଇଁ ତୁମ କୌଶଳରେ ପରିବର୍ତ୍ତନର ଯୋଜନା ପ୍ରସ୍ତୁତିରେ ତୁମେ ବ୍ୟବହାର କରିପାରିବ । ନିର୍ଦ୍ଦିଷ୍ଟ ତନଖି ତାଲିକା ଶିକ୍ଷାର୍ଥୀ କେଉଁ କୌଶଳଗୁଡିକରେ ଅଧିକ ପ୍ରଶିକ୍ଷଣ ଆବଶ୍ୟକ କରୁଛି ଓ ଶିକ୍ଷାର୍ଥୀ ଆଚରଣର ଲକ୍ଷଣଗୁଡିକୁ ଜାଣିବା ପାଇଁ ସାହାଯ୍ୟ କରେ । ଯଦି ତୁମେ ଦଳଗତ ଆଚରଣ ପର୍ଯ୍ୟବେକ୍ଷଣ ପାଇଁ ଏହିଭଳି ତନଖି ତାଲିକା ବ୍ୟବହାର କରୁଛ ତେବେ ତୁମକୁ ଦଳର ଅଧିକାଂଶ ସଦସ୍ୟଙ୍କ କାର୍ଯ୍ୟକଳାପକୁ ଦେଖିବାକୁ ପଡିବ ଏବଂ ତନଖି ତାଲିକାରେ ଥିବା ଆଚରଣ ପର୍ଯ୍ୟବେକ୍ଷଣ ସହିତ ବିପଥଗାମୀ ମାନଙ୍କର ଆଚରଣ ଲିପିବଦ୍ଧ କରିବାକୁ ହେବ ।



ଟିପ୍ପଣୀ

**ଶିକ୍ଷଣ କାର୍ଯ୍ୟ – ୫**

ଦୁଇଟି ଭିନ୍ନ ତନଖି ତାଲିକା ପ୍ରସ୍ତୁତ କର (୧) ଓ (୨) ଶିକ୍ଷାର୍ଥୀମାନଙ୍କର ପରିଷ୍କାର ପରିଚ୍ଛନ୍ନତା ଅଭ୍ୟାସ ଲିପିବଦ୍ଧ କରିବା ପାଇଁ । ପ୍ରତି ଶ୍ରେଣୀର ୧୦ ଜଣ ଶିକ୍ଷାର୍ଥୀଙ୍କ ଉପରେ ସେହି ଶ୍ରେଣୀର ସାଧନୀ ପରିଚାଳନା କର ।

ତନଖି ତାଲିକା ବିଭିନ୍ନ ପ୍ରକାରରେ ତୁମ ପାଇଁ ଦରକାରୀ । ଶିକ୍ଷାର୍ଥୀ /ଶିକ୍ଷକ ଏବଂ ଶ୍ରେଣୀର ଆବଶ୍ୟକତା ଅନୁଯାୟୀ ଏଗୁଡିକ ଅନେକ ଉଦ୍ଦେଶ୍ୟ ପାଇଁ ଯଥାରୀତି ବ୍ୟବହାର କରିହେବ । ଶିକ୍ଷଣ ଫଳାଫଳକୁ ଯାହା ପ୍ରଣାଳୀ ଓ ବ୍ୟକ୍ତିଗତ ସାମାଜିକ ବିକାଶକୁ ଅନ୍ତର୍ଭୁକ୍ତ କରେ ନିର୍ଦ୍ଦିଷ୍ଟ ଶିକ୍ଷଣ ଫଳାଫଳ ସମ୍ପର୍କିତ ବୃଦ୍ଧିର ପ୍ରମାଣ ଲିପିବଦ୍ଧ ଦ୍ୱାରା ସହଜରେ ମୂଲ୍ୟାୟନ କରିହେବ । ପ୍ରକ୍ରିୟା ମୂଲ୍ୟାୟନରେ ଯାହା ସ୍ପଷ୍ଟ ଅର୍ଥ କହିବା ଏବଂ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ କ୍ରିୟା ଶ୍ରେଣୀରେ ବିଭାଜନ କରିହେବ, ତନଖି ତାଲିକା ଗୁଡିକ ଅତ୍ୟନ୍ତ ଉପଯୋଗୀ । ତନଖି ତାଲିକା ମଧ୍ୟ ଅତି ସହଜରେ ପ୍ରସ୍ତୁତ କରିହେବ ଏବଂ ବ୍ୟବହାର କରିବାକୁ ସରଳ ।

### ୧୫.୪.୩ ମାନକ ସୂଚୀ (ରେଟିଙ୍ଗ ସ୍କେଲ)

ବେଳେବେଳେ ବିଭିନ୍ନ ବିଭାଗର ବିଦ୍ୟାର୍ଥୀମାନଙ୍କ ଉପଲବ୍ଧି ବିଷୟରେ କିଛି ଜିଜ୍ଞାସାର ତୁମେ ସମ୍ମୁଖୀନ ହୋଇଥିବ । ପିତା ମାତା ମାନେ ପଚାରିଥାଆନ୍ତି "ମୋ ପିଲା ଖେଳରେ ଆଗ୍ରହ ପ୍ରକାଶ କରୁଛି କି ?", "ସେ ଭଲ ନାଚ କରେ କି ?", "ମୋ ପୁଅ ବିଜ୍ଞାନରେ ମୋଟାମୋଟି ଭାବେ ଉପଲବ୍ଧି କ'ଣ ?"

ପ୍ରଧାନ ଶିକ୍ଷକ ଜିଜ୍ଞାସା କରିପାରନ୍ତି, "ତୁମ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ପରିଷ୍କାର ପରିଚ୍ଛନ୍ନତା ଅଭ୍ୟାସରେ ତୁମେ ସନ୍ତୁଷ୍ଟ କି ?" ଆନ୍ତଃବିଦ୍ୟାଳୟ ବିଜ୍ଞାନ ପ୍ରଦଶନୀରେ ସୁନୀତାର ପ୍ରଦର୍ଶନକୁ ଦର୍ଶକମାନେ କିପରି ପସନ୍ଦ କରିଛନ୍ତି ?" ଏବଂ ଏହିପରି ଅନେକ ଜିଜ୍ଞସା ଗୁଡିକର ଉତ୍ତର ତୁମେ କିପରି ଦିଅ ?
ସାଧାରଣତଃ ଆମମାନଙ୍କର ଉତ୍ତର ପରିମାଣାତ୍ମକ ଶବ୍ଦରେ ଥାଏ ଯଥା – ପ୍ରାୟ ମଧ୍ୟମ ଧରଣର, ଅତିଭଲ, ମଧ୍ୟମ ଉପରକୁ, ସନ୍ତୋଷଜନକ ଇତ୍ୟାଦି । ଅନ୍ୟଭାଷାରେ କହିଲେ ଆମେ ଗୁଣ ଗୁଡିକର ମାନ ନିର୍ଦ୍ଧାରଣ କରୁ ଏକ ସୂଚୀରେ ଯାହାର ସ୍ତର "ଦୁର୍ବଳ" ବା ଅସନ୍ତୋଷଜନକ ରୁ ଅତିଉଚ୍ଚସ୍ତର, ଅତି ଉତ୍ତମ, ବା ଅତ୍ୟୁଚ୍ଚ ସନ୍ତୋଷଜନକ ଇତ୍ୟାଦି ପର୍ଯ୍ୟନ୍ତ । ସଂକ୍ଷିପ୍ତରେ ଆମେ ଶିକ୍ଷାର୍ଥୀର ଉପଲବ୍ଧି ବା ଗୁଣାବଳୀ ଏକ ମାନକ ସୂଚୀରେ ମାନ ନିର୍ଦ୍ଧାରଣ କରୁ ଏହା ସମ୍ବନ୍ଧୀୟ ଭଲଭାବେ ନଜାଣି ।

ମାନକସୂଚୀ ଏକ ଉପକରଣ ଯାହା ସଂଖ୍ୟା ଦ୍ୱାରା ମୂଲ୍ୟନିର୍ଦ୍ଧାରିତ ବସ୍ତୁକୁ ଏକ ମାନ ଦ୍ୱାରା ସୂଚାଇ ଦିଆଯାଇଥାଏ । ଏହା ତନଖି ତାଲିକାର ଅନୁରୂପ କିନ୍ତୁ ଯେତେବେଳେ ସୂକ୍ଷ୍ମ ବିବରଣୀର ଆବଶ୍ୟକ ପଡେ, ସେତେବେଳେ ଏହା ବ୍ୟବହାର କରାଯାଏ । ତନଖି ତାଲିକାରେ ତୁମେ କ'ଣ କର ? ତୁମେ କେବଳ ଏକ ଲକ୍ଷଣର ଉପସ୍ଥିତି ବା ଅନୁପସ୍ଥିତି ତନଖି ତାଲିକା ମାଧ୍ୟମରେ ସ୍ପଷ୍ଟ ଦର୍ଶାଅ କିନ୍ତୁ ମାନକ ସୂଚକ ପରେ ଆଚରଣର ଗୁଣାତ୍ମକତା ସ୍ତରକୁ ସୂଚାଇବାକୁ ହୁଏ । ନିମ୍ନରେ ଦିଆଯାଇଥିବା ଦୁଇଟି ସାଧନୀକୁ ଦେଖ ।

ସାଧନୀ –୧ ବିଦ୍ୟାଳୟ କାର୍ଯ୍ୟରେ ଶିକ୍ଷାର୍ଥୀର ଅଂଶଗ୍ରହଣର ତନଖି ତାଲିକା

କାର୍ଯ୍ୟାବଳୀ

୧. ଶ୍ରେଣୀ ପ୍ରକଳ୍ପ କାର୍ଯ୍ୟରେ ଶିକ୍ଷାର୍ଥୀ ସକ୍ରିୟ

୨. ଶିକ୍ଷାର୍ଥୀ ସହପାଠୀମାନଙ୍କ ସହିତ ସଂଶ୍ଲିଷ୍ଟ

୩. ଦଳଗତ ଆଲୋଚନାରେ ଶିକ୍ଷାର୍ଥୀ ଅଂଶଗ୍ରହଣ କରୁଛି



ଟିପ୍ପଣୀ

୪. ଶିକ୍ଷାର୍ଥୀ ଖେଳ କାର୍ଯ୍ୟରେ ଅଂଶଗ୍ରହଣ କରୁଛି
୫. କ୍ଲବ କାର୍ଯ୍ୟରେ ବିଦ୍ୟାର୍ଥୀ ଅଂଶଗ୍ରହଣ କରୁଛି

ସାଧନୀ - ୨ ବିଦ୍ୟାଳୟ କାର୍ଯ୍ୟରେ ଶିକ୍ଷାର୍ଥୀ ଅଂଶଗ୍ରହଣର ମାନକ ସୂଚୀ

ତୁମ ପର୍ଯ୍ୟବେକ୍ଷଣ ଓ ବିଚାର ଅନୁସାରେ ଶିକ୍ଷାର୍ଥୀର ସକ୍ରିୟ ଅଂଶଗ୍ରହଣକୁ ଦର୍ଶାଇବା ପାଇଁ ପ୍ରତ୍ୟେକ ପାଖର ଦକ୍ଷିଣରେ ଥିବା ସଂଖ୍ୟାରେ ଗୋଲ ବୁଲାଅ

୧-ଅସନ୍ତୋଷ ଜନକ, ୨- ମଧ୍ୟମ ଧରଣର ତଳେ, ୩- ମଧ୍ୟମ ଧରଣର, ୪, ମଧ୍ୟମ ଧରଣର ଉପରେ, ୫-ଅତି ଉତ୍ତମ

୧. ଶ୍ରେଣୀ ପ୍ରକଳ୍ପ କାର୍ଯ୍ୟରେ ଶିକ୍ଷାର୍ଥୀ ସକ୍ରିୟ - ୧, ୨, ୩, ୪,୫
୨. ଶିକ୍ଷାର୍ଥୀ ସହପାଠୀମାନଙ୍କ ସହିତ ସଂଶ୍ଲିଷ୍ଟ - ୧, ୨, ୩, ୪,୫
୩. ଦଳଗତ ଆଲୋଚନାରେ ଶିକ୍ଷାର୍ଥୀ ଅଂଶଗ୍ରହଣ କରୁଛନ୍ତି - ୧, ୨, ୩, ୪,୫
୪. ଶିକ୍ଷାର୍ଥୀ ଖେଳ କାର୍ଯ୍ୟରେ ଅଂଶଗ୍ରହଣ କରୁଛନ୍ତି - ୧, ୨, ୩, ୪,୫
୫. କ୍ଲବ କାର୍ଯ୍ୟରେ ବିଦ୍ୟାର୍ଥୀ ଅଂଶଗ୍ରହଣ କରୁଛନ୍ତି - ୧, ୨, ୩, ୪,୫

ଦୁଇଟି ସ୍କେଲ୍‌ରେ ତୁମେ କେଉଁ ପାର୍ଥକ୍ୟ ଲକ୍ଷ୍ୟକଲ ? ତନଖି ତାଲିକା ଠାରୁ ମାନକ ସୂଚୀ କେଉଁ ଉପାୟରେ ଭିନ୍ନ ? କେଉଁଟି ଶିକ୍ଷାର୍ଥୀ ଆଚରଣର ଗୁଣାତ୍ମକତାର ଅଧିକ ବିବରଣୀ ଦେଉଛନ୍ତି ?

ଉପର ମାନକସୂଚୀଟି ୫- ପଏଣ୍ଟ ବିଶିଷ୍ଟ ଯେଉଁଠାରେ ଶିକ୍ଷାର୍ଥୀର ଆଚରଣକୁ ଅତିଉତ୍ତମ (୫), ମଧ୍ୟମଧରଣର ଉପରେ (୪), ମଧ୍ୟମ ଧରଣର (୩), ମଧ୍ୟମଧରଣ ତଳେ (୨), ଏବଂ ଅସନ୍ତୋଷଜନକ (୧) ଭାବେ ମାନନିର୍ଦ୍ଧାରଣ କରାଯାଏ । ସେହିପରି ତୁମେ ମଧ୍ୟ ୩-ପଏଣ୍ଟ ମାନକ ସୂଚୀ ପ୍ରସ୍ତୁତ କରିପାରିବ । ଶିକ୍ଷାର୍ଥୀର ଆଚରଣକୁ ଜ୍ଞାପନ କରୁଥିବା ସଂଖ୍ୟାରେ ଗୋଲବୁଲାଇ ଗୁଣାତ୍ମକତା ବିବରଣକୁ ପରିମାଣ ଦ୍ୱାରା ସୂଚାଇହେବ ।

### ୧୫.୪.୪ ପ୍ରଶ୍ନାବଳୀ

ଶିକ୍ଷାର୍ଥୀ ଆଚରଣର ବିଭିନ୍ନ ଲକ୍ଷଣ /ବୈଶିଷ୍ଟ୍ୟ ଆକଳନ କରିବାକୁ ଏକ ପ୍ରଶ୍ନାବଳୀ ମଧ ଉତ୍ତମ ମାଧ୍ୟମ । ପୂର୍ବରୁ ଆଲୋଚନା କରାଯାଇଥିବା ସାକ୍ଷାତକାରର ସୀମିତତା କଥା ବିଚାର କର । ଅଧିକ ସଂଖ୍ୟକ ଶିକ୍ଷାର୍ଥୀଙ୍କର ସାକ୍ଷାତକାର କରିବା ସମୟସାପେକ୍ଷ ଓ ଅଧିକ ପରିଶ୍ରମ ଆବଶ୍ୟକ । ଅନ୍ୟ ପକ୍ଷରେ ସମୟ ଓ ପରିଶ୍ରମ ସଞ୍ଚୟ ପାଇଁ ପ୍ରଶ୍ନାବଳୀ ଏକ ଯଥାର୍ଥ ବିକଳ୍ପ । ଏକ ସମୟରେ ଅଧିକ ସଂଖ୍ୟକ ଶିକ୍ଷାର୍ଥୀ ପ୍ରଶ୍ନାବଳୀ ମାଧ୍ୟମରେ ତାଙ୍କର ତଥ୍ୟ ପ୍ରଦାନ କରିପାରିବେ । ଏକ ପ୍ରଶ୍ନାବଳୀରେ ପ୍ରସଙ୍ଗ / ସମସ୍ୟା ଉପରେ କେତେକ ପ୍ରଶ୍ନର ଉତ୍ତର ଲିଖିତ ଭାବରେ ଦେବାକୁ ପଡେ । ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନର ଉତ୍ତର ଦେବାକୁ ପଡେ । ପ୍ରଶ୍ନଗୁଡିକ ଏପରି ହୋଇଥାଏ ଯେ, ତାହା ମତାମତ ନୁହେଁ କେବଳ କିଛି ତଥ୍ୟ ପ୍ରକାଶ କରିଥାଏ । ପ୍ରଶ୍ନ ମାନଙ୍କର ଉତ୍ତରରେ ଦିଆଯାଇଥିବା ତଥ୍ୟର ଯଥାର୍ଥତା ପରଖି ହୋଇପାରିବ ବା ଅନ୍ତଃତନଖି କରାଯାଇପାରିବ । ଉତ୍ତର ବିଶ୍ଳେଷଣ କରି ଆମେ ଉପଯୁକ୍ତ / ଯଥାର୍ଥ ସିଦ୍ଧାନ୍ତରେ ପହଞ୍ଚିପାରିବା । ଉଦାହରଣ ସ୍ୱରୂପ ଘରେ ପିଲାମାନଙ୍କର ଶିକ୍ଷଣ କାର୍ଯ୍ୟରେ ନିଯୁକ୍ତ ସମ୍ବନ୍ଧିତ ତଥ୍ୟ ଏବଂ ବିଦ୍ୟାଳୟ ସମୟ ପରେ ପରିବାର ଦ୍ୱାରା ଯୋଗାଇଥିବା ସହାୟତାର ପ୍ରକାର ଓ ବାରମ୍ବାରତାକୁ ଏକ ସୁପ୍ରସ୍ତୁତ ପ୍ରଶ୍ନାବଳୀ ମାଧ୍ୟମରେ ପ୍ରକାଶ କରିହେବ ।

ଟିପ୍ପଣୀ

ଏକ ପ୍ରଶ୍ନାବଳୀ ଯଥେଷ୍ଟ ପରିମାଣରେ ଠିକ, ନିରପେକ୍ଷ, ଆବଶ୍ୟକ ତଥ୍ୟ ଯୋଗାଇ ଦେବାରେ ଅତ୍ୟନ୍ତ ଦରକାରୀ । ତଥ୍ୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଆଧାରରେ, ପ୍ରଶ୍ନାବଳୀର ଉପାଦାନ (ପ୍ରଶ୍ନ) ପ୍ରସ୍ତୁତ କରାଯାଇଥାଏ । ତତ୍‌ପରେ ପ୍ରଶ୍ନାବଳୀଟି ପିଲାମାନଙ୍କ ଠାରେ ପରିଚାଳନା କରାଯାଏ, ଏହା ମନରେ ରଖିବାକୁ ହେବ ଯେ, ଶିକ୍ଷାର୍ଥୀମାନଙ୍କୁ ଜଣାଇଦେବାକୁ ହେବ ଯେ ସେମାନଙ୍କ ଉତ୍ତର ନାମବିହୀନ ହେବ ଅର୍ଥାତ ଉତ୍ତରଟି କାହାର ତାହା ଜଣାପଡିବ ନାହିଁ । ତା'ପରେ ସଂଗୃହୀତ ତଥ୍ୟକୁ ବିଶ୍ଳେଷଣ କରାଯିବ ।

**୧୫.୪.୫ ସାକ୍ଷାତକାର**

କେତେକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସହିତ ମୁହାଁମୁହିଁ ବ୍ୟକ୍ତିଗତ କଥାବାର୍ତ୍ତା କରି ପ୍ରତ୍ୟକ୍ଷଭାବେ ସଂଗ୍ରହ କରିବା ପାଇଁ ସାକ୍ଷାତକାର ଏକ ସଫଳ କୌଶଳ । ଯେତେବେଳେ ଶିକ୍ଷାର୍ଥୀଠାରେ ଏକ ନିର୍ଦ୍ଦିଷ୍ଟ ଆଚରଣର କାରଣ ଖୋଜିବା ଆମକୁ ଦରକାର ପଡେ, ତାକୁ ବ୍ୟକ୍ତିଗତ ଭାବେ ପଚାରି ପ୍ରକୃତ କାରଣ ବାହାର କରିବାର ଏକ ଅତି ଭଲ ଉପାୟ । ଶିକ୍ଷକଙ୍କ ଠାରେ ତାର ଥିବା ବିଶ୍ୱାସ, ଶିକ୍ଷକଙ୍କୁ ଠିକ ତଥ୍ୟ ପାଇବାରେ ସାହାଯ୍ୟ କରେ । କାର୍ଯ୍ୟର ପ୍ରକୃତି ନେଇ ସାକ୍ଷାତକାରୀ ଶିକ୍ଷାର୍ଥୀଙ୍କୁ ମୁକ୍ତ ଉତ୍ତର ବା ସୀମିତ ଉତ୍ତରମୂଳକ ପ୍ରଶ୍ନ ପଚାରି ପାରିବେ । ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ତଥ୍ୟ ଯତ୍ନର ସହ ଲିପିବଦ୍ଧ କରିବା ଉଚିତ । ସାକ୍ଷାତକାର ପୂର୍ବରୁ ତଥ୍ୟ ଲିପିବଦ୍ଧ ପାଇଁ ସାକ୍ଷାତକାରୀ ଏକ ସାକ୍ଷାତକାର ଫର୍ଦ୍ଦ ପ୍ରସ୍ତୁତ କରିବା ଉଚିତ୍ । ସାକ୍ଷାତକାର ଫର୍ଦ୍ଦ ସାକ୍ଷାତକାରୀକୁ ଆଲୋଚ୍ୟ ବିଷୟ (ବିନ୍ଦୁ) ଉପରେ କେନ୍ଦ୍ରୀଭୂତ କରିବା (ଗୁରୁତ୍ୱ) ପାଇଁ ସଙ୍ଗଠିତ ପ୍ରଶ୍ନ, ଉତ୍ତରର ବର୍ଗୀକରଣ ଓ ସଂକ୍ଷେପଣ ସରଳ କରିପାରେ । ଏଗୁଡିକ ମଧ୍ୟ ବିଷୟ କ'ଣ କହିବାକୁ ଅନୁମତି ଦେଉଛି ତାହାକୁ ସୀମାବଦ୍ଧ କରିପାରେ । କିନ୍ତୁ ଅନ୍ୟପାର୍ଶ୍ୱରେ ଅସଙ୍ଗଠିତ ସାକ୍ଷାତକାର ଉତ୍ତରଦାତାଙ୍କୁ ଅଧିକ ସ୍ୱାଧୀନତା ଦେଇଥାଏ । କୋମଳମତୀ ପିଲା ଓ ଅଶିକ୍ଷିତମାନଙ୍କୁ ପ୍ରଶ୍ନ ପଚାରିବାରେ ସାକ୍ଷାତକାର ଅତ୍ୟନ୍ତ ଦରକାରୀ । ଉତ୍ତରଦାତାର ସାକ୍ଷାତକାର ସମୟରେ ତଳ ଲିଖିତ ସତର୍କତା ବିଚାରକୁ ନିଆଯାଇପାରେ ।

- ଏଭଳି ପ୍ରଶ୍ନ ପଚାର ଯାହା ତୁମ ଉଦ୍ଦେଶ୍ୟ ପୁରଣ କରୁଥିବ
- ଉତ୍ତରଦାତାକୁ ଉତ୍ତର ଦେବାପାଇଁ ସମୟ ପ୍ରଦାନ କର
- ଉତ୍ତରଦାତାଠାରେ ବିଶ୍ୱାସ ଓ ସାହାସ ସୃଷ୍ଟି କରିବାକୁ ଚେଷ୍ଟା କର
- ଉତ୍ତରଦାତା ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା କର, ଏହା ସାକ୍ଷାତକାରରେ ସ୍ଥିରତା ନିଶ୍ଚିତ କରିବ
- ପ୍ରଶ୍ନଗୁଡିକରେ ସ୍ୱଷ୍ଟତା ଆଣ

ସାକ୍ଷାତକାର ଉତ୍ତରଦାତାର ସ୍ଥିତିର ସ୍ୱଷ୍ଟୀକରଣ ଓ ଆଭ୍ୟନ୍ତର ପରୀକ୍ଷା ପାଇଁ ଅନୁମତି ଦେଇଥାଏ କିନ୍ତୁ ଏହା ବ୍ୟୟସାଧ୍ୟ ଓ ସମୟସାପେକ୍ଷ, କାରଣ ସାକ୍ଷାତକାର ଥରକେ ଜଣେ ବ୍ୟକ୍ତି ସହିତ ମୁହାଁ ମୁହିଁ ଶୈଳୀରେ ନିଆଯାଏ ।

**୧୫.୪.୬ କୃତି ମୂଲ୍ୟାୟନ**

ଶିକ୍ଷାର୍ଥୀର କୃତି ମୂଲ୍ୟାୟନ ହେଉଛି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ପୂରଣ କରିବା ନିମନ୍ତେ ଶିକ୍ଷାର୍ଥୀ କାର୍ଯ୍ୟର ଏକ ସଂଗ୍ରହ । ଏହା କେବଳ ଶିକ୍ଷାର୍ଥୀର କାର୍ଯ୍ୟକୁ ନେଇନଥାଏ ବରଂ ଶିକ୍ଷାର୍ଥୀର ସର୍ବୋତ୍ତମ କାର୍ଯ୍ୟକୁ

ଟିପ୍ପଣୀ

ନେଇଥାଏ । ଶିକ୍ଷାର୍ଥୀର କୃତିକୁ ବେଳେବେଳେ ଆକଳନ କରିବାର ଏକ ଫଳପ୍ରଦ ସାଧନୀ ଭାବେ ବ୍ୟବହାର କରାଯାଏ ।

କୃତି ସ୍ୱ-ମୂଲ୍ୟାୟନରେ ଦକ୍ଷତା ଜାଣିବା ନିମନ୍ତେ ଏକ ଫଳପ୍ରଦ ସାଧନୀ ରୂପେ କାର୍ଯ୍ୟ କରିଥାଏ । ଯେତେବେଳେ ଶିକ୍ଷାର୍ଥୀମାନେ କିଛି ନୂତନ କାର୍ଯ୍ୟ ସୃଷ୍ଟି କରନ୍ତି କିମ୍ବା ସଂଗ୍ରହ କରନ୍ତି ତାକୁ ସେମାନଙ୍କ କୃତି ଭାବେ ରଖାଯାଏ । ଶିକ୍ଷାର୍ଥୀମାନଙ୍କୁ ବେଳେବେଳେ ସେମାନଙ୍କ କୃତିର ଏକ ସ୍ୱ-ମୂଲ୍ୟାୟନ ଫର୍ଦ୍ଦ ଏବଂ ଚିନ୍ତାପୂର୍ଣ୍ଣ ପ୍ରତିଫଳନ ବିଚାର କରିବାକୁ ପଡେ । ଏହା ଦ୍ୱାରା କୃତି ସେମାନଙ୍କୁ ନିଜର ସ୍ୱ-ମୂଲ୍ୟାୟନ ଓ ପ୍ରତିଫଳନ ଦ୍ୱାରା କ'ଣ କରିବାକୁ ହେବ ଦେଖାଇବାର ସୁଯୋଗ ଦେଇଥାଏ । ସମସ୍ତ ପିଲାଙ୍କର କୃତି ସେମାନଙ୍କ ପିତାମାତା, ଶିକ୍ଷକଙ୍କ ଉପସ୍ଥିତିରେ ଏକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ପ୍ରଦର୍ଶିତ କରାଯାଏ । ଏହା ବିଦ୍ୟାଳୟ କାର୍ଯ୍ୟରେ ପିତାମାତାଙ୍କ ସମ୍ପୃକ୍ତି ଓ ପରବର୍ତ୍ତୀ ଅଧ୍ୟୟନ ପାଇଁ ସୁଯୋଗ ସୃଷ୍ଟି କରେ । ଏହା ଶିକ୍ଷାର୍ଥୀଙ୍କ ବ୍ୟକ୍ତିତ୍ୱ ଓ ସକ୍ଷମତା ବିଷୟରେ ଆଲୋଚନା କରିବା ପାଇଁ ମଞ୍ଚ ପ୍ରସ୍ତୁତ କରେ । କୃତିର ସକ୍ଷମତା ନିମ୍ନରେ ଦିଆଗଲା :

**କୃତିର ସକ୍ଷମତା**

- ଶିକ୍ଷାର୍ଥୀଠାରେ ତା ନିଜ କାର୍ଯ୍ୟର ଦୋଷ ଦୁର୍ବଳତା ଓ ସାମର୍ଥ୍ୟ ମୂଲ୍ୟାୟନ କରିବାର ଦକ୍ଷତା ବିକାଶ କରେ ।
- ଶିକ୍ଷାର୍ଥୀଙ୍କୁ ସେମାନଙ୍କ ଲକ୍ଷ୍ୟ ସ୍ଥିର କରିବା ଏବଂ ଅଗ୍ରଗତିର ମୂଲ୍ୟାୟନ କରିବାର ଦାୟିତ୍ୱ ନେବାରେ ସାହାଯ୍ୟ କରେ ।
- ଶିକ୍ଷାର୍ଥୀମାନଙ୍କ ସହଭାଗିତା ଓ ଅଗ୍ରଗତିର ପ୍ରତିଫଳନ ପାଇଁ ସୁଯୋଗ ସୃଷ୍ଟି କରେ ।
- ସମୟ ଓ ବର୍ତ୍ତମାନର ଦକ୍ଷତାକୁ ନେଇ ଶିକ୍ଷାର୍ଥୀର ବିକାଶର ସ୍ଥୁଳ ଉଦାହରଣ ଦିଏ ।
- ପିତାମାତାଙ୍କୁ ସେମାନଙ୍କ ପିଲାର ପ୍ରଦର୍ଶନକୁ ଆକଳନ କରିବାର ସୁଯୋଗ ସୃଷ୍ଟି କରେ ।

ଉଭୟ ଶିକ୍ଷଣ ଓ ଆକଳନ ଉଦ୍ଦେଶ୍ୟରେ କୃତିକୁ ବ୍ୟବହାର କଲାବେଳେ ଶିକ୍ଷକଙ୍କୁ ଉଦ୍ଦେଶ୍ୟ ସ୍ଥିର କରିବାକୁ ହେବ, କୃତିର ପ୍ରବେଶକୁ ବାଛିଲାବେଳେ ନିୟମାବଳୀ ଦେବାକୁ ହେବ, ସ୍ୱ-ମୂଲ୍ୟାୟନ ଓ ଚୟନ ବେଳେ ଶିକ୍ଷାର୍ଥୀର ଭୂମିକା ଦର୍ଶାଇବାକୁ ହେବ, ମୂଲ୍ୟାୟନର ନୀତି ନିର୍ଦ୍ଧାରଣ କରିବାକୁ ହେବ ଏବଂ ଯୋଗାଯୋଗ ଓ ସୂଚନା ଦେଲା ବେଳେ କୃତିର ବ୍ୟବହାର କରିବାକୁ ହେବ ।

ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ସଂଗ୍ରହ କରାଯାଇଥିବା କୃତି (ସମ୍ପୂର୍ଣ୍ଣ ସ୍କୁଲ ବର୍ଷ ପାଇଁ) ଗଠନମୂଳକ ମୂଲ୍ୟାୟନ କରିବାରେ ଫଳପ୍ରଦ ହୋଇଥାଏ । ଉଦାହରଣ: ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ (୬ ମାସ) ଶିକ୍ଷାର୍ଥୀମାନଙ୍କର ସୃଜନଶୀଳ ଲେଖାର ସଂଗ୍ରହରୁ ଶିକ୍ଷକ ସେହି ସମୟ ପାଇଁ ଶିକ୍ଷାର୍ଥୀର ବ୍ୟାକରଣ, ଧାରଣାର ସଙ୍ଗଠନ ଏବଂ ସାମୟିକ ଅଗ୍ରଗତିକୁ ଆକଳନ କରିପାରେ । ଶିକ୍ଷାର୍ଥୀମାନେ ମଧ୍ୟ ଶିକ୍ଷକଙ୍କ ସହିତ ମିଳିତଭାବେ ମୂଲ୍ୟାୟନର ନୀତି ନିର୍ଦ୍ଧାରଣ କରି ସେମାନଙ୍କ କାର୍ଯ୍ୟର ମୂଲ୍ୟାୟନ କରିଥାନ୍ତି । ତେଣୁ ଏହା ସିଦ୍ଧାନ୍ତ ଯେ ଶ୍ରେଣୀ ଶିକ୍ଷଣ / ଶିକ୍ଷାଦାନରେ ସୂଚନାରେ କୃତିକୁ ଅନ୍ତର୍ଭୁକ୍ତ କରାଯାଇପାରିବ, ସ୍ୱ-ମୂଲ୍ୟାୟନ ଦକ୍ଷତାର ବିକାଶ ପାଇଁ ବ୍ୟବହାର କରାଯାଇପାରିବ ଏବଂ ଶିକ୍ଷଣକାର୍ଯ୍ୟ ମାଧ୍ୟମରେ ସେମାନଙ୍କ ଶିକ୍ଷଣର ଦାୟିତ୍ୱ ନେଇପାରିବେ ।

ଟିପ୍ପଣୀ

**ଶିକ୍ଷଣ କାର୍ଯ୍ୟ – ୬**

ତୁମେ ଶିକ୍ଷାଦାନ କରିଥିବା ଏକ ବିଷୟରୁ ବିଜ୍ଞାନ ପରୀକ୍ଷଣରେ ଶିକ୍ଷାର୍ଥୀର ବିକାଶକୁ ଆକଳନ କରିବା ପାଇଁ କୃତିର ବ୍ୟବହାର କର ।

**୧୫.୪.୭ ପ୍ରକଳ୍ପ କାର୍ଯ୍ୟ**

ଶିକ୍ଷାର୍ଥୀର ପାଠ୍ୟପୁସ୍ତକ ଜ୍ଞାନକୁ ବାସ୍ତବ ଜୀବନ ସହିତ ଯୋଡିବାରେ ପ୍ରକଳ୍ପ କାର୍ଯ୍ୟ ଏକାନ୍ତ ଆବଶ୍ୟକ । Ballardଙ୍କ ଅନୁଯାୟୀ ପ୍ରକଳ୍ପ କାର୍ଯ୍ୟ ହେଉଛି ବାସ୍ତବ ଜୀବନର ଏକ ଅଂଶବିଶେଷ ଯାହାକି ବିଦ୍ୟାଳୟରେ କରିବାକୁ ପଡିଥାଏ । ବିଦ୍ୟାଳୟର ବିଭିନ୍ନ ବିଷୟରେ ପ୍ରକଳ୍ପ କାର୍ଯ୍ୟ ଉଚ୍ଚତର ଦକ୍ଷତା ଯେପରି ଗଠନମୂଳକ ଓ ସୃଜନଶୀଳ ଚିନ୍ତନର ଶିକ୍ଷଣ ପାଇଁ ସ୍ଥାନ ଯୋଗାଏ । ପ୍ରକଳ୍ପରେ ଶିକ୍ଷାର୍ଥୀମାନଙ୍କଠାରେ ଏକ ସମସ୍ୟା ରଖାଯାଏ ଏବଂ ଯାହାର ସମାଧାନ ବାଟ ଖୋଜିବାକୁ ହୋଇଥାଏ । ପ୍ରକଳ୍ପକାର୍ଯ୍ୟ ବ୍ୟକ୍ତିଗତ ଭାବେ କିମ୍ବା ଛୋଟ ଦଳରେ କରାଯାଇଥାଏ । ଏକ ପ୍ରକଳ୍ପ କାର୍ଯ୍ୟର ଉଦାହରଣ ନିମ୍ନରେ ଦିଆଗଲା ।

ପକ୍ଷୀମାନଙ୍କ ସଂଖ୍ୟାରେ ଋତୁଗତ ଭିନ୍ନତା – କେଉଁ ସ୍ଥାନରେ ଦେଖାଯାନ୍ତି, ସେମାନେ କିପରି ଉଡନ୍ତି (ସିଧାସଳଖ, ଧୀରେଧୀରେ, ଉପରକୁ ଉଠିବା, ବୁଡିବୁଡି), ସେମାନଙ୍କ ଶରୀରର ବର୍ଣ୍ଣନା (ଆକାର, ଆକୃତି, ରଙ୍ଗ, ଶରୀରର ଅଂଶ), ଚାଲିବାର ଭଙ୍ଗୀ, ଡାକ, ଖାଦ୍ୟ, ଖାଦ୍ୟାଭ୍ୟାସ, ବସା, ଅଣ୍ଡା (ସଂଖ୍ୟା, ଆକାର, ରଙ୍ଗ) ଇତ୍ୟାଦି ।

ସେହିପରି ବିଦ୍ୟାଳୟ ହତାର ସାଜସଜ୍ଜା, ଆଖପାଖର ଗଛଲତା କିମ୍ବା ଆଞ୍ଚଳିକ କାରଖାନା ଉପରେ ସର୍ବେକ୍ଷଣ ପିଲାମାନଙ୍କ ଦ୍ୱାରା କରାଯାଇପାରେ । ଏକ ପ୍ରକଳ୍ପ ପାଇଁ କେତେକ ସୋପାନ ଯଥା ପ୍ରକଳ୍ପ ମନୋନୀତ, ଏହା ପାଇଁ ଯୋଜନା ପ୍ରସ୍ତୁତ, ଯୋଜନାର କାର୍ଯ୍ୟକାରୀ, ମୂଲ୍ୟାୟନ ଓ ଲିପିବଦ୍ଧକରଣ ଇତ୍ୟାଦି ଥାଏ ।

ଉଭୟ ପାଠ୍ୟଗତ ଓ ସହପାଠ୍ୟଗତ ଦିଗରେ ଶିକ୍ଷାର୍ଥୀର ବ୍ୟବହାରର ମୂଲ୍ୟାୟନ କରିବା ପାଇଁ ପ୍ରକଳ୍ପ କାର୍ଯ୍ୟ ଏକ ଫଳପ୍ରଦ କୌଶଳ । ଏହା ଶିକ୍ଷକଙ୍କୁ ଶିକ୍ଷାର୍ଥୀର ଜ୍ଞାନକୁ ବିଭିନ୍ନ ପରିସ୍ଥିତିରେ ପ୍ରୟୋଗ କରିବାର ଦକ୍ଷତା ଉପରେ ତଥ୍ୟ ପ୍ରଦାନରେ ସହାୟକ ହୁଏ । ଏହା ବ୍ୟତୀତ ପ୍ରକଳ୍ପ ଶିକ୍ଷକଙ୍କୁ ଶିକ୍ଷାର୍ଥୀର ତଥ୍ୟ ଲିପିବଦ୍ଧକରଣ, ତଥ୍ୟ ବିଶ୍ଳେଷଣ, ପ୍ରକଳ୍ପ ନିମନ୍ତେ ତଥ୍ୟ ଯୋଗାଇବାର ଦକ୍ଷତା ଜାଣିବାରେ ସାହାଯ୍ୟ କରିଥାଏ । ଶିକ୍ଷାର୍ଥୀ ମଧ୍ୟ ଏହି କ୍ଷେତ୍ରରେ ତା ନିଜ ପ୍ରଦର୍ଶନର ଆକଳନ କରିପାରେ । ବ୍ୟକ୍ତିଗତ ଗୁଣ ଯଥା କାର୍ଯ୍ୟ କରିବାରେ ପରିଚ୍ଛନ୍ନତା, ସଚ୍ଚୋଟତା, ଧାରାବାହିକ ପ୍ରଣାଳୀର ଅନୁସରଣ, ଦଳଗତ ପରିସ୍ଥିତିରେ କାର୍ଯ୍ୟ କରିବା ଆଦିର ଆକଳନ ପାଇଁ ପ୍ରକଳ୍ପ କାର୍ଯ୍ୟ ସହାୟକ ହୁଏ ।

**ଶିକ୍ଷଣ କାର୍ଯ୍ୟ – ୭**

୧୦ଟି ପ୍ରକଳ୍ପ କାର୍ଯ୍ୟର ତାଲିକା ପ୍ରସ୍ତୁତ କର ଯେଉଁଗୁଡିକୁ ତୁମେ ପିଲାଙ୍କୁ ପଢାଇଥିବ ଏବଂ ତାହା ପିଲାଙ୍କୁ ଉପଯୁକ୍ତ ହେଉଥିବ ।

**୧୫.୪.୮ ଘଟଣା ଅନୁସନ୍ଧାନ**

ଘଟଣା ଅନୁସନ୍ଧାନ ହେଉଛି ଜଣେ ବ୍ୟକ୍ତି, ପରିବାର, ବିଦ୍ୟାଳୟ କିମ୍ବା ଦଳର ଶିକ୍ଷାର୍ଥୀଙ୍କ ଉପରେ ଗଭୀର ଅନୁସନ୍ଧାନ କରିବା । ଶିକ୍ଷା କ୍ଷେତ୍ରରେ ଘଟଣା ଅନୁସନ୍ଧାନ ତାର ପୃଷ୍ଠଭୂମି, ପରିବେଶ, ସମସ୍ୟାକୁ

**ଟିପ୍ପଣୀ**

ନେଇ ପିଲାର ଚରିତ୍ର ଆଦି ଜାଣିବାକୁ କରାଯାଏ । ତାର ବର୍ତ୍ତମାନର ସ୍ଥିତି, ଅତୀତର ଅନୁଭୂତି ଏବଂ ଅନ୍ୟ ସମ୍ପର୍କିତ ଘଟଣା ଉପରେ ପ୍ରାସଙ୍ଗିକ ତଥ୍ୟ ଏକତ୍ରିତ କରି ଆମେ ପିଲାର ବର୍ତ୍ତମାନର ବ୍ୟବହାର ଏକ ସମସ୍ୟାର ପ୍ରଦର୍ଶନ ଯଥା ପିଲାଟି କାମଚୋର, ଦୁର୍ବଳ, କଳହପ୍ରିୟ କିମ୍ବା ବିଶାଦ, ଅବସନ୍ନ ରହିବା ଆଦି ଜାଣିପାରିବା । ଏହି ତଥ୍ୟଗୁଡିକର ଗୁଣାତ୍ମକ ବିଶ୍ଳେଷଣ ଏକ ଘଟଣାର ସାମଗ୍ରିକ ଓ ଏକତ୍ରିତ ଚିତ୍ର ଗଠନ କରିବାରେ ସହାୟକ ହୁଏ । ଘଟଣା ଅନୁସନ୍ଧାନ ପନ୍ଥାରେ ଅନୁସନ୍ଧାନକାରୀ (ଶିକ୍ଷକ) ନିର୍ଦ୍ଦିଷ୍ଟ ବ୍ୟକ୍ତିଠାରୁ ତଥ୍ୟ ସଂଗ୍ରହ କରେ ଓ ଏକ ଅନନ୍ୟ ଘଟଣା ଭାବେ ତାର ଆଗ୍ରହକୁ ସେହିଥିରେ ହିଁ ସୀମିତ ରଖେ କିମ୍ବା ଏକ ଛୋଟ ଦଳରୁ ତଥ୍ୟ ସଂଗ୍ରହ କରେ ଯାହା ଗଭୀର ଅନୁସନ୍ଧାନର ଏକକ ଗଠନ କରେ ।

ଘଟଣା ଅନୁସନ୍ଧାନ ଲମ୍ବ ଭାବେ କରାଯାଇପାରେ (ଅନେକ ସମୟ ଧରି ଏକ ପିଲା ବିଷୟରେ ତଥ୍ୟ ସଂଗ୍ରହ କରିବା ) କିମ୍ବା ଭୂ-ସମାନ୍ତର ବା ଆନୁଭୂମିକ ହୋଇପାରେ (ପିଲା ବିଷୟରେ ନିକଟ ଅତୀତର ସମସ୍ତ ସମ୍ଭାବ୍ୟ ଉତ୍ସରୁ ତଥ୍ୟ ସଂଗ୍ରହ) ।

ସେ ଯାହା ହେଉ, ବ୍ୟକ୍ତିନିଷ୍ଠ ପକ୍ଷପାତିତା, ବସ୍ତୁନିଷ୍ଠ ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ ପ୍ରକ୍ରିୟା ଏକ ରୀତିମତ ବାଧା ଭାବେ ଛିଡା ହୋଇଛି । ଅନୁସନ୍ଧାନକାରୀଙ୍କୁ ଘଟଣା ଅନୁସନ୍ଧାନ ସହିତ ଜଡିତ ସମସ୍ତ ଦକ୍ଷତାଗୁଡିକୁ ପରିଚିତ ହେବା ଉଚିତ । ଏକ ଘଟଣା ଅନୁସନ୍ଧାନ ପାଇଁ ନିମ୍ନଲିଖିତ ସୋପାନଗୁଡିକୁ ମାନିବା ଉଚିତ ।

- ଘଟଣାର ବର୍ତ୍ତମାନ ସ୍ଥିତି ନିର୍ଦ୍ଧାରଣ କରିବା – ଏହା ସିଧାସଳଖ ପର୍ଯ୍ୟବେକ୍ଷଣ ଦ୍ୱାରା ହୋଇଥାଏ । ତୁମେ ଯେକୌଣସି ପରୀକ୍ଷଣର ସାହାଯ୍ୟ ନେଇପାର - ପିଲା ବିଷୟରେ ତଥ୍ୟ ପାଇବା ପାଇଁ ପିତାମାତାଙ୍କ ସହ ଓ ସାଙ୍ଗସାଥୀଙ୍କ ସହ ଯୋଗାଯୋଗ ।
- ସମ୍ଭାବ୍ୟ ପୂର୍ବବର୍ତ୍ତୀ ବିଷୟକୁ ଜାଣ – ଏହି ତଥ୍ୟ ତୁମକୁ କାର୍ଯ୍ୟକ୍ଷମ ଅନୁମାନଗୁଡିକୁ ସଂକ୍ଷିପ୍ତରେ ପ୍ରକାଶ କରିବାରେ ସାହାଯ୍ୟ କରିବ ।
- ପୂର୍ବବର୍ତ୍ତୀ ବିଷୟର ଯାଞ୍ଚ ।
- କାରଣ ନିରୂପଣ କରିବା ଓ ସେହି କାରଣଗୁଡିକୁ ନେଇ ପ୍ରତିକାରମୂଳକ ପଦକ୍ଷେପ ପାଇଁ ଯୋଜନା କରିବା ।
- ଘଟଣାର ପରବର୍ତ୍ତୀ ପଦକ୍ଷେପ ।
- ଏକ ଫଳପ୍ରଦ ପ୍ରଣାଳୀ ଭାବେ, ଘଟଣା ଅନୁସନ୍ଧାନ ବିଭିନ୍ନ ଘଟଣା ବିଷୟରେ ସମସ୍ୟାର ଚିହ୍ନଟିକରଣ ଓ ଯୋଜନା ବିକାଶ ନିମନ୍ତେ ପ୍ରସ୍ତୁତି ପାଇଁ ତଥ୍ୟ ପ୍ରଦାନ କରେ ।

**ଶିକ୍ଷଣ କାର୍ଯ୍ୟ – ୮**

ତୁମ ସ୍କୁଲକୁ ନିୟମିତ ଭାବେ ଆସୁନଥିବା ଗୋଟିଏ କିମ୍ବା ଦୁଇଟି ପିଲା ଚିହ୍ନଟ କର । ତଥ୍ୟ ପାଇବା ପାଇଁ ସେମାନଙ୍କ ସାଙ୍ଗ ଓ ପିତାମାତାଙ୍କ ସଙ୍ଗେ ଯୋଗାଯୋଗ କର । ତାର ଏହି ପ୍ରକାର ବ୍ୟବହାରର କାରଣ ଖୋଜ । ଏହି ପ୍ରକାର ଅନାବଶ୍ୟକ କାର୍ଯ୍ୟ ବନ୍ଦ କରିବା ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କର । ଏହି ଘଟଣା ଉପରେ ଏକ ବିବରଣୀ ଲେଖ ।

ଯେଉଁ ପିଲାମାନେ ଶିକ୍ଷଣରେ ବାଧା ସୃଷ୍ଟି କରିଥାନ୍ତି, ସେମାନଙ୍କ ସମସ୍ୟାର ଦୂରୀକରଣ ନିମନ୍ତେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାରେ ଶିକ୍ଷକଙ୍କୁ ଘଟଣା ଅନୁସନ୍ଧାନରେ ସହାୟକ ହୋଇଥାଏ ।



ଟିପ୍ପଣୀ

## ୧୫.୫ ସାରାଂଶ

- ଏକ ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀର ବିଭିନ୍ନ ବିଷୟରେ ଜ୍ଞାନ ଅର୍ଜନ ମାପିବା ପାଇଁ ଉପଲବ୍ଧି ପରୀକ୍ଷଣ ବହୁତ ସହାୟକ ହୋଇଥାଏ । ପ୍ରତ୍ୟାଶିତ ଫଳାଫଳ ଓ ଧାରଣାର ମାପକୁ ଆଧାର କରି ପରୀକ୍ଷଣ ପ୍ରଶ୍ନର ଗୁଣାତ୍ମକମାନ, ଶିକ୍ଷକ - ନିର୍ମିତ ପ୍ରଶ୍ନର ପରିଚାଳନା, ସ୍ଥାନାଙ୍କ ନିର୍ଦ୍ଧାରଣ ଓ ବ୍ୟାଖ୍ୟା କରାଯାଇଥାଏ ।
- ଉତ୍ତରର ପ୍ରକାର ଅନୁଯାୟୀ, ତିନିପ୍ରକାର ପ୍ରଶ୍ନ ଯଥା ମୌଖିକ, ଲିଖିତ ଓ କାର୍ଯ୍ୟଭିତ୍ତିକ ପ୍ରଶ୍ନ ତିଆରି କରାଯାଏ । ଶିକ୍ଷକ ପ୍ରଶ୍ନ ତିଆରି କଲାବେଳେ ଏହି ତିନି ପ୍ରକାର ପ୍ରଶ୍ନ ବ୍ୟବହାର କରିବା ଉଚିତ୍ ।
- ଏକକ ପରୀକ୍ଷଣ ସାଧାରଣତଃ ଶିକ୍ଷକ ନିର୍ମିତ ପ୍ରଶ୍ନ ଦ୍ୱାରା କରାଯାଏ ଯାହାକି ଗଠନମୂଳକ ହୋଇଥାଏ । ଏକକ ପରୀକ୍ଷଣ ଶିକ୍ଷକଙ୍କ ଦ୍ୱାରା ଅନୌପଚାରିକ ଭାବେ ହୋଇଥାଏ । ଏହା ଶିକ୍ଷକଙ୍କୁ ତାଙ୍କର ଶିକ୍ଷାଦାନ ପଦ୍ଧତି ଏବଂ ଶିକ୍ଷାର୍ଥୀଙ୍କୁ ସେମାନଙ୍କ ଦୁର୍ବଳତା ଓ ଶିକ୍ଷଣ ଅଗ୍ରଗତି ଜାଣିବା ପାଇଁ ବିଶ୍ୱସ୍ତ ପ୍ରତିକ୍ରିୟା ଯୋଗାଇଥାଏ । ପରେ ଏହା ପ୍ରତିକାରାତ୍ମକ ଓ ସମୃଦ୍ଧମୂଳକ ଉଦ୍ଦେଶ୍ୟରେ ବ୍ୟବହାର ହୋଇଥାଏ ।
- ପରୀକ୍ଷଣ ପ୍ରଶ୍ନଗୁଡିକୁ ଦୁଇଟି ମୁଖ୍ୟ ଭାଗରେ ବିଭକ୍ତ କରାଯାଇଛି – ରଚନାତ୍ମକ ଓ ବସ୍ତୁନିଷ୍ଠ ପ୍ରଶ୍ନ । ରଚନାତ୍ମକ ପ୍ରଶ୍ନର ଉତ୍ତର ଦୀର୍ଘ ଓ ସୀମିତ ହୋଇଥାଏ ।
- ବିଭିନ ପ୍ରକାରର ବସ୍ତୁନିଷ୍ଠ ପ୍ରଶ୍ନ ହେଲା – ସ୍ୱଳ୍ପ ଉତ୍ତରମୂଳକ, ବହୁବିକଳ୍ପ ପ୍ରଶ୍ନ, ମେଳକ ପ୍ରଶ୍ନ, ଦ୍ୱି-ବିକଳ୍ପ ଇତ୍ୟାଦି ।
- ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ଘୋଷା ପଦ୍ଧତିକୁ ନିରୁତ୍ସାହିତ କରିଥାଏ ଏବଂ ଶିକ୍ଷାର୍ଥୀର ବିକ୍ଷିପ୍ତ ଚିନ୍ତନରେ ସହାୟକ ହୁଏ ।
- ଶିକ୍ଷାର୍ଥୀର ବ୍ୟାବହାରିକ ଗୁଣକୁ ଆକଳନ କରିବାର ବିଭିନ୍ନ ମୂଲ୍ୟାୟନ ପ୍ରକ୍ରିୟା ହେଲା ପର୍ଯ୍ୟବେକ୍ଷଣ, ସାକ୍ଷାତକାର ଘଟଣା ଅନୁସନ୍ଧାନ ଓ କୃତି ମୂଲ୍ୟାୟନ । ଏଥିପାଇଁ ପର୍ଯ୍ୟବେକ୍ଷଣ ଫର୍ଦ୍ଦ, ସାକ୍ଷାତକାର ଫର୍ଦ୍ଦ, ତନଖି ତାଲିକା, ରେଟିଙ୍ଗ ସ୍କେଲ ଓ ପ୍ରଶ୍ନାବଳୀ ଆଦି ସାଧନୀର ବ୍ୟବହାର କରାଯାଏ ।

## ୧୫.୬ ପରବର୍ତ୍ତୀ ଅଧ୍ୟୟନ ପାଇଁ ପୁସ୍ତକସୂଚୀ


1. Deale, R. N.(1975), Assessment and Testing in the secondary School, Evans/ Methuen Educational, London
2. Gronlund, N.E. and Linn, R. L. (2000), Measurement and Assessment In Teaching, Pearson Education, Singapore
3. Lehmann, I. J. and Mehrens, W. A. (1991), Measurement and Evaluation in Education and Psychology, Harcourt Brace College Publishers,USA


## ୧୫.୭ ନିଜ ଅଗ୍ରଗତି ନିମନ୍ତେ ଆଦର୍ଶ ଉତ୍ତର

E-1 ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଉପଲବ୍ଧିକୁ ତୁଳନା କରି ଶିକ୍ଷାର୍ଥୀ କେତେ ଦୂର ଜ୍ଞାନ ଅର୍ଜନ କରିଛି ଜାଣିବା ପାଇଁ ଉପଲବ୍ଧ ପରୀକ୍ଷଣ କରାଯାଏ । ଏହା ମଧ୍ୟ ଶିକ୍ଷକଙ୍କୁ ଶିକ୍ଷାର୍ଥୀଙ୍କ ଦଳଗଠନ, ବ୍ୟକ୍ତିଗତ ଶିକ୍ଷଣ ସମସ୍ୟାର କାରଣ ନିରୂପଣ ଆଦି ପାଇଁ ସହାୟକ ହୋଇଥାଏ ।

ଟିପ୍ପଣୀ

E-2 ମୌଖିକ ପ୍ରଶ୍ନ

E-3 (କ) ଭଲ ଶିକ୍ଷକ ନିର୍ମିତ ପ୍ରଶ୍ନରେ ସିମୀତ ସଂଖ୍ୟକ ଦକ୍ଷତା ରହିବା ଉଚିତ

(ଖ) ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ସମସ୍ୟା ଚିହ୍ନଟ କରିପାରିବା ଉଚିତ

(ଗ) ବିଭିନ୍ନ ପ୍ରକାର ପ୍ରଶ୍ନ ରହିବା ଉଚିତ

E-4 ଉକ୍ତି (କ), (ଖ), (ଗ), (ଘ), ଓ (ଙ) ଗୁଡିକ ଏକକ ପରୀକ୍ଷଣ ସହିତ ଜଡିତ

E-5 ଅନେକ ପ୍ରକାରର ମାନସିକ ପ୍ରକ୍ରିୟା ଓ ଦକ୍ଷତା ଦୀର୍ଘ ଉତ୍ତରମୂଳକ ପ୍ରଶ୍ନରେ ମପାଯାଇପାରିବ । ଏହା ଶିକ୍ଷକଙ୍କୁ ଶିକ୍ଷାର୍ଥୀ କେତେ ଭଲଭାବରେ ଉତ୍ତର ସଙ୍ଗଠିତ ଓ ଉପସ୍ଥାପନା କରିପାରୁଛି ତାହା ଜାଣିବାକୁ ସାହାର୍ଯ୍ୟ ଦେଇଥାଏ । ଏହି ପ୍ରକାର ପ୍ରଶ୍ନ ସୀମିତ ଉତ୍ତରମୂଳକ ପ୍ରଶ୍ନ ତୁଳନାରେ ପ୍ରସ୍ତୁତି କରିବା ସହଜ ।

E-6 ଦୀର୍ଘ ଉତ୍ତରମୂଳକ ପ୍ରଶ୍ନର ଉତ୍ତର ମୂଲ୍ୟାଙ୍କନ, ଶିକ୍ଷକଙ୍କର ବିଷୟଗତ ଧାରଣା, ହସ୍ତାକ୍ଷର ଆଧାରରେ ମୂଲ୍ୟାଙ୍କନ, ବ୍ୟାକରଣ ଓ ବନାନ ଉପରେ ଅଧିକ ଗୁରୁତ୍ୱ ଆଦି ଉପରେ ନିର୍ଭର କରୁଥିବାରୁ ପିଲାଙ୍କ ପ୍ରାପ୍ତାଙ୍କ ଅଲଗା ଅଲଗା ହୋଇଥାଏ ।

E-7 : ମୁଖ୍ୟତଃ ୪ ପ୍ରକାରର ସୀମିତତା ରହିଛି । ସେଗୁଡିକ ହେଲା: ଉତ୍ତରର ଦୈର୍ଘ୍ୟ, ଉତ୍ତରର ଧାରଣା, ସ୍ଥାନ ଓ ସମୟ

E-8 : a (√) b (×) c (×) d (√) e (√) f (×)

### ୧୫.୮ ପାଠାନ୍ତ ପ୍ରଶ୍ନାବଳୀ

୧. ଏକ ମୌଖିକ କିମ୍ବା କାର୍ଯ୍ୟଭିତ୍ତିକ ପରୀକ୍ଷଣର ବିଶଦ ବିବରଣୀ ପ୍ରସ୍ତୁତ କର ଯାହା ପରୀକ୍ଷା କରାଯାଇଥିବା ଦକ୍ଷତାକୁ ଦର୍ଶାଉଥିବ ଏବଂ ଏଥିପାଇଁ ପରୀକ୍ଷଣ ସାମଗ୍ରୀର ତାଲିକା କର ।

୨. ଯେକୌଣସି ବିଷୟ ପାଇଁ ଏକକ ପରୀକ୍ଷଣ କର । ଏଥିରେ ମୌଖିକ ଲିଖିତ ଓ କାର୍ଯ୍ୟଭିତ୍ତିକ ପ୍ରଶ୍ନ ରଖ ।

୩. ଭାଷାଗତ ବିକାଶ ଜାଣିବା ପାଇଁ ଏକ କୃତି ମୂଲ୍ୟାୟନ ଫର୍ଦ୍ଦ ପ୍ରସ୍ତୁତ କର । ଏଥିରେ କୃତିର ଉଦ୍ଦେଶ୍ୟ, କାହିଁକି ଶିକ୍ଷାର୍ଥୀ କୃତି ବଛାଗଲା ସେଥିପାଇଁ ସ୍ଥାନ, ଦିନାଙ୍କ, କୃତିର ବିଶେଷ ଗୁଣାବଳୀ, ଶିକ୍ଷକଙ୍କ ମନ୍ତବ୍ୟ ଆଦି ପାଇଁ ସ୍ଥାନ ରଖ । ତୁମ ଶିକ୍ଷାର୍ଥୀ ମାନଙ୍କୁ ସେମାନଙ୍କ କୃତି ଆଧାରରେ ଫର୍ଦ୍ଦଟିକୁ ପୂରଣ କରିବାକୁ କୁହ ।